## ଦୁର୍ଘଟଣାରେ ଚିକିତ୍ସାଧୀନ ଆହତଙ୍କ ମୃତ୍ୟୁ

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ଥାନା ମାଛଗାଁ-କଟକ ରାସ୍ତାର ତିହୁଡ଼ି ଛକରେ ସୋମବାର ଦୁର୍ଘଟଣାରେ ଗୁରୁତର ହୋଇଥିବା ବାଇକ୍ ଚାଳକ ବିଷ୍ଣୁ ପ୍ରସାଦ ଦାସ(୪୦)ଓରଫ ଗୁରିଆଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ଘର ଜଗତ୍‌ସିଂହପୁର ଥାନା ଗାଲୁପଡ଼ାରେ। ସେ ବାଇକ୍‌ରେ ବାଲିକୁଦାରୁ ଫେରୁଥିବା ବେଳେ ତିହୁଡ଼ି ଛକଠାରେ ଏକ ହାଇୱା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଗୁରିଆ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଚାଲିକି ଯାଉଥିବା ନାଆଦା ଗ୍ରାମର ବିଜୟ ରାଉତଙ୍କ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା।



## ସଂକ୍ଷେପରେ

### ଓସିଏ ୧୪ ବର୍ଷରୁ କମ୍ ଟିମ୍‌ରେ ପାରାଦୀପର ୨ ଛାତ୍ର



ପାରାଦୀପ,୧୩।୪(ସ୍ୱ.ପ୍ର.): ଓଡ଼ିଶା କ୍ରିକେଟ ଏକାଡେମୀ(ଓସିଏ)ର ୧୪ ବର୍ଷରୁ କମ୍ କ୍ରିକେଟ ଟିମ୍‌ରେ ପାରାଦୀପର ୨ଜଣ ଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଡିଏଭିର ପିପିଏଲ୍ ଓ ପିପିଟିର ନବମ ଶ୍ରେଣୀର ଛାତ୍ର ପ୍ରିୟାଂଶୁ ମଲ୍ଲିକ ଏବଂ ଜୟ.ପି. ନାଏକ। ଏନେଇ ଓସିଏର ସିଓଓ ସୁବ୍ରତ କୁମାର ବେହେରାଙ୍କଠାରୁ ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କୁ ଚିଠି ମିଳିଛି।

### ଲୁଟ ଅଭିଯୋଗରେ ୩ ଗିରଫ

ପାରାଦୀପ,୧୩।୪(ସ୍ୱ.ପ୍ର.): ଲୁଟ୍ ଅଭିଯୋଗରେ ପାରାଦୀପ ଲକ୍ ଥାନା ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଣ୍ଡିକିପୁରର ବିକାଶ ଭଞ୍ଜ ଓ ବିକାଶ ପାଣି। ଅନ୍ୟ ଜଣେ ହେଲେ ଝିମାଣୀ ଗ୍ରାମର ଧନେଶ୍ୱର ସେଠୀ। କୁଜଙ୍ଗ ଥାନା ଗଣ୍ଡିକିପୁରରୁ ସେମାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି। ଏସବୁ ସାମଗ୍ରୀ ମୂଲ୍ୟ ୫ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ପୋଲିସ କହିଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଗତ ୩ ତାରିଖରେ ଏହି ଥାନା ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ହୃଦାନନ୍ଦ ରାଉତଙ୍କ ଘରୁ ଅଭିଯୁକ୍ତମାନେ ସୁନା ଗହଣା, ମୋବାଇଲ, ଟଙ୍କା ଆଦି ଚୋରି କରିଥିଲେ। ଥାନାରେ ମାମଲା (ନଂ.୯୯/୨୧) ରୁଜୁ ହୋଇଥିଲା।

### କୃଷକ ସଂଗଠନ ବିଭାଜନ ଉଦ୍ୟମକୁ ନିନ୍ଦା

କୁଜଙ୍ଗ,୧୩।୪(ଡି.ଏନ୍.ଏ.): କୁଜଙ୍ଗ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ କୁଜଙ୍ଗଠାରେ ବୀରେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେତେଜଣ ଖଳ ପ୍ରକୃତିର ଲୋକ ଏହି କୃଷକ ସଂଗଠନକୁ ବିଭାଜନ କରିବାକୁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ବୈଠକରେ ନିନ୍ଦା କରାଯାଇଥିଲା। ସଂଗଠନକୁ ଅଧିକ ମଜଭୁତ୍ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ କୁଜଙ୍ଗ ବ୍ଲକ ନବନିର୍ମାଣ କୃଷକ ସଂଗଠନ ପୂର୍ବତନ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁ, ବରିଷ୍ଠ ସଭ୍ୟ ଧୀରେନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ଜେନା, ସୌଦାମିନୀ ସ୍ୱାଇଁ, ବନଲତା ସାମଲ, ଧୀରେନ୍ଦ୍ର କୁମାର ମହାନ୍ତି, ରାମଚନ୍ଦ୍ର ପ୍ରଧାନ, ଧରଣୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ମା'ବାସନ୍ତିକ ଦୁର୍ଗାପୂଜା

ନାଉଗାଁ,୧୩।୪(ସ୍ୱ.ପ୍ର.): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାମ୍ଭୋ ସ୍ଥିତ ମା'ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବା ଶ୍ରମରେ ୯ ଦିନ ଧରି ଚାଲିବାକୁ ଥିବା ମା'ବାସନ୍ତିକ ଦୁର୍ଗାପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ମା'ସିଦ୍ଧିଦାତ୍ରୀଙ୍କ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ପ୍ରଥମ ଦିନରେ ମା'ଙ୍କୁ ଶୈଳପୁତ୍ରୀ ବେଶରେ ସଜ୍ଜିତ କରାଯାଇଥିଲା। ରୀତି ନୀତି ଅନୁସାରେ ଏହି ପୂଜା କରାଯାଉ ଥିବା ବେଳେ କୋଭିଡ କଟକଣା ଯୋଗୁ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳୁନାହିଁ। ଏହି କାର୍ଯ୍ୟକ୍ରମକୁ ସେବାଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ପରିଚାଳନା କରୁଛନ୍ତି। ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଅନ୍ୟ ଆଶ୍ରମବାସୀ ଏଥିରେ ସହଯୋଗ କରୁଛନ୍ତି।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ରୋଗୀ ହନ୍ତସନ୍ତ

କେନ୍ଦ୍ରାପଡ଼ା ଅଫିସ, ୧୩।୪

**ତେଜୁଛି ମେଡିକାଲ କଲେଜ ପ୍ରତିଷ୍ଠା ଦାବି**

- **ସବୁ ରାଜନୈତିକ ଦଳର ରହିଛି ସମ୍ମତି**
- **ପଞ୍ଚାୟତ ନିର୍ବାଚନ ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ ହେଉ**

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ସ୍ଥାପନ ଦାବି ପୁରୁଣା। ୨୦୨୦ ଡିସେମ୍ବରରେ ଯାଜପୁର ଓ ପୁରୀରେ ନୂତନ ମେଡିକାଲ କଲେଜ ସ୍ଥାପନ ପାଇଁ ଘୋଷଣା ହେବା ପରେ କେନ୍ଦ୍ରାପଡ଼ାରେ ଏହି କଲେଜ ଦାବିରେ ଜନଆନ୍ଦୋଳନ ତେଜୁଛି। ଏ ନେଇ ସବୁ ରାଜନୈତିକ ଦଳ ନିଜର ରାଜନୀତି ପ୍ରସ୍ତାବରେ ସମ୍ମତି ପ୍ରକାଶ ପାଇଥିବା ବେଳେ ସାମାଜିକ ଅନୁଷ୍ଠାନଗୁଡିକ ଏହି ଜନଆନ୍ଦୋଳନକୁ ଜାରି ରଖିଛନ୍ତି। ସହର ଓ ଗ୍ରାମାଞ୍ଚଳରେ ସଭା ସମିତି ସହ ପ୍ଲାକାର୍ଡ ରାଲି, ପୋଷ୍ଟକାର୍ଡ ଅଭିଯାନ, ବିକ୍ଷୋଭ ଆଦି ଜାରି ରହିଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ରୋଗୀ ହନ୍ତସନ୍ତରୁ ମେଡିକାଲ କଲେଜ ସ୍ଥାପନା ଦ୍ୱାରା ଭରଣା ହୋଇପାରିବ ବୋଲି ମାନ୍ୟଗଣ୍ୟ ବ୍ୟକ୍ତି ମତ ଦେଇଛନ୍ତି।

ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୨୦୦୯ରୁ ସଙ୍ଗଠନ ପକ୍ଷରୁ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ନେଇ ଆନ୍ଦୋଳନ ଜାରି ରହିଛି। ଜିଲାରେ ଲୋକସଂଖ୍ୟା ତୁଳନାରେ ଆବଶ୍ୟକ ଡାକ୍ତରଖାନା ନାହିଁ। ଯେଉଁ ଡାକ୍ତରଖାନା ଅଛି, ସେଥିରେ କର୍ମଚାରୀ ସଙ୍କଟ ରହିଛି। ପ୍ରାକୃତିକ ଅଥବା ରାସାୟନିକ ବିପର୍ଯ୍ୟୟରେ ସ୍ୱାସ୍ଥ୍ୟସେବା ପ୍ରଦାନରେ ସ୍ଥାନୀୟ ଡାକ୍ତରଖାନା ଅସଫଳ ହେଉଛି। ଜରୁରିକାଳୀନ ରୋଗୀଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର ସମୟରେ ମୃତ୍ୟୁ ହେଉଛି। ଏଭଳିସ୍ଥିତିରେ ମେଡିକାଲ କଲେଜ ସ୍ଥାପନ ହେଲେ ଏହାର ସମାଧାନ ହୋଇପାରିବ। ଭାଜପାର ବରିଷ୍ଠ ନେତା ତଥା ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା କହିଛନ୍ତି, ୩ ମାସ ପୂର୍ବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ସେ ସମୟରେ ଜିଲାରେ ଜମି ଚିହ୍ନଟ ସହ ଭିତ୍ତିଭୂମି ସମ୍ପର୍କରେ ତନଖି ରିପୋର୍ଟ ରାଜ୍ୟ ସରକାର ପ୍ରଦାନ କଲେ କେନ୍ଦ୍ର ସରକାର ଏ ନେଇ ସାହାଯ୍ୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଏହାବ୍ୟତୀତ ଜିଲା ରାଜନୈତିକ ପ୍ରସ୍ତାବରେ ଏହି କଲେଜ ସ୍ଥାପନ ପାଇଁ ଦାବି କରାଯାଇଛି। ଜିଲା ଗଠନଠାରୁ ଅଦ୍ୟାବଧି ଜିଲାବାସୀ ଅଣହେଳାରେ ଅଛନ୍ତି। ରାଜ୍ୟର ୪ର୍ଥତମ ଗରିବ ଜିଲା ଭାବେ ଚିହ୍ନଟ ହୋଇଥିବା ଜିଲାବାସୀ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପରି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। କଂଗ୍ରେସ ଜିଲା ସଭାପତି ତଥା ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି କହିଛନ୍ତି, ଫେବୃୟାରୀରେ ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସମେତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ସୁର ରାଉତରାୟ ପ୍ରମୁଖ ଯୋଗଦେଇ ମେଡିକାଲ କଲେଜ ସ୍ଥାପନକୁ ସମର୍ଥନ ଦେଇଛନ୍ତି। ସମସ୍ତ ରାଜନୈତିକ ଦଳ ଓ ଜିଲାବାସୀ ଏ ନେଇ ସକାରାତ୍ମକ ମନୋଭାବ ପ୍ରଦର୍ଶନ କରୁଥିବା ବେଳେ ମେଡିକାଲ କଲେଜ ସ୍ଥାପନାରେ ବିଳମ୍ବ ହେଉଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମେଡିକାଲ କଲେଜ ସ୍ଥାପନ ନ ହେଲେ ଜିଲାର ଭୋଟର ଉଚିତ ଜବାବ ଦେବେ ବୋଲି ସେ ମତ ଦେଇଛନ୍ତି। ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ କହିଛନ୍ତି, ରାଜ୍ୟ ସରକାର ଏ ନେଇ ସକାରାତ୍ମକ ମନୋଭାବ ଅଛି। ଜିଲାର ବରିଷ୍ଠ ନେତାମାନେ ଏ ନେଇ ଉଦ୍ୟମ ଜାରି ରଖିଛନ୍ତି। ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ କୁମାର ଦାଶ କହିଛନ୍ତି, ମେଡିକାଲ କଲେଜ ସ୍ଥାପନ ନେଇ ଗାଁ ଓ ସହରରେ ସଚେତନତା ସଭା, ରାଲି ସହ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପାର୍ଟି ପକ୍ଷରୁ ଦାବିପତ୍ର ଦିଆଯାଇଛି। କଲେଜ ପ୍ରତିଷ୍ଠା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଆନ୍ଦୋଳନ ହେବ ବୋଲି ସେ ମତ ଦେଇଛନ୍ତି। କେଏନ୍‌ଏସ୍ ମୁଖ୍ୟ ଶିବାଶିଷ ମହାନ୍ତି କହିଛନ୍ତି, ପୋଷ୍ଟକାର୍ଡ ଅଭିଯାନ ଚାଲିଛି। ମେଡିକାଲ କଲେଜର ସ୍ଥାପନ ଦାବିକୁ ପାଣିଚିଆ କରିବାକୁ ଜିଲାରେ ଶିଳ୍ପ ପ୍ରତିଷ୍ଠାର ସ୍ୱପ୍ନ ରାଜ୍ୟ ସରକାର ଦେଖାଇଛନ୍ତି। ଏ ସମ୍ପର୍କରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି, ସିପିଆଇ, ଜିଲା ବିକାଶ ମଞ୍ଚ ତଥା ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ ମତ ଦେଇଛନ୍ତି।

## ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ

ଆଳି,୧୩।୪(ଡି.ଏନ.ଏ)

ଆଳି ସଦର ମହକୁମାର ମହାବୀର ବଜାରରେ ଆଳି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଆଳି ଶାଖା ପକ୍ଷରୁ ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାହକ ସେବାକେନ୍ଦ୍ର ମୁଖ୍ୟ ମାନସ ରାଉତଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ଥାନା ଆଇଆଇସି ସଲିଲ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଆଳି ଏସ୍‌ବିଆଇ ଶାଖା ପରିଚାଳକ ଗୌତମ ଚରଣ ପ୍ରଧାନ, କେନ୍ଦ୍ରାପଡ଼ା ଏସ୍‌ବିଆଇର ଦିଲୀପ କୁମାର ଦାସ, ସେକ୍ ଇମତେୟାଜ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକ ସେବାକେନ୍ଦ୍ରରେ ଗ୍ରାହକମାନେ ନୂତନ ଆକାଉଣ୍ଟ ଖୋଲିବା ସହ ସମସ୍ତ ପ୍ରକାର ଦେଣନେଣର ସୁବିଧା ପାଇ ପାରିବେ। ଏଥିସହ ଏହି କେନ୍ଦ୍ରଟି ଛୁଟିଦିନ ସହ ସବୁଦିନ ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଆଳି ଏସ୍‌ବିଆଇର ମୁଖ୍ୟ ଶାଖାରେ ଗ୍ରାହକଙ୍କ ଭିଡକୁ ଲକ୍ଷ୍ୟ କରି ଏହି କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇଛି।

# ବିଦ୍ୟାଳୟ ବନ୍ଦ, ଚାଟଶାଳୀମୁହାଁ ପିଲା



ମହାକାଳପଡ଼ା ବ୍ଲକର ରାମନଗର ଅଞ୍ଚଳର ଏକ ପଲିଥିନ୍ ତଳେ ଗାଁ ଚାଟଶାଳୀର ଦୃଶ୍ୟ।

ମହାକାଳପଡ଼ା, ୧୩।୪(ଡି.ଏନ.ଏ.)

**ପ୍ରାଥମିକ ଶିକ୍ଷା କରୋନା ଯୋଗୁ ପ୍ରଭାବିତ**

ଦେଶରେ କରୋନା ପ୍ରଭାରେ ସରକାରୀ ଓ ବେସରକାରୀ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେଉଛି। ଗାଁରେ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଯୋଗୁ କୋମଳମତି ଶିଶୁଙ୍କ ଶିକ୍ଷାଦାନ ଅନିଶ୍ଚିତତା ଆଡକୁ ଯାଉଛି। ସମସ୍ତଙ୍କ ପାଖରେ ମୋବାଇଲ ନ ଥିବାରୁ ଅନ୍‌ଲାଇନ ପାଠପଢାରେ ବ୍ୟାଘାତ ଘଟୁଛି। ତେଣୁ ଗାଁ ଗହଳିରେ ଏବେ ପିଲାମାନେ ଚାଟଶାଳୀ ମୁହାଁ ହୋଇଛନ୍ତି।

ପୂର୍ବରୁ ଗୁରୁକୁଳ ଆଶ୍ରମ ଓ ଚାଟଶାଳୀର ବେଶ ପ୍ରଭାବ ଥିଲା। ସେଠାରେ କୋମଳମତୀ ଶିଶୁଙ୍କୁ ବିଭିନ୍ନ ପ୍ରକାରର ଶିକ୍ଷାଦାନ ଦିଆଯାଉଥିଲା। ଶିଶୁମାନଙ୍କର ଶାରୀରିକ, ମାନସିକ ସ୍ତରରେ ଅଭିବୃଦ୍ଧି ପାଇଁ ଯୁଦ୍ଧ ବିଦ୍ୟା, ବେଦ, ଶାସ୍ତ୍ର, ଉପନିଷଦ, ଗୀତା, ଭାଗବତ ଓ ପଣିକିଆ, ବର୍ଣ୍ଣବୋଧକୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଥିଲା। ତେବେ ଶିଶୁଟି ବଡ଼ ହେଲେ କୌଣସି ବିଦ୍ୟାରେ ହାର ଯେମିତି ନ ମାନିବ ସେଥିପ୍ରତି ଗୁରୁଜୀମାନେ ବେସ୍ ଯତ୍ନବାନ ଥିଲେ। ସେ ସମୟରେ ମା'ବାପା ନିଜ ପିଲାମାନଙ୍କୁ ଚାଟଶାଳୀକୁ ପଠାଉ ଥିଲେ। ମୁଠି ଚାଉଳ ଓ ସ୍ୱଳ୍ପ ପାରିଶ୍ରମିକରେ ଗୁରୁଜୀମାନେ ପିଲାଙ୍କ ଶିକ୍ଷାଦାନ କରୁଥିଲେ। ଏହାର ପୁନରାବୃତ୍ତି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର, ପେଟଛେଲା ଅଞ୍ଚଳରେ। ଅନେକ ଗାଁ ଚାଟଶାଳୀରେ ପାଠ ପଢୁଆ ବେକାରୀ ଯୁବତୀଯୁବକମାନେ ନିଜ ପରିବାର ପ୍ରତିପୋଷଣ ପାଇଁ ଚାଟଶାଳୀରେ ପାଠ ପଢ଼ାଇ ବେସ୍ ଦି ପଇସା ରୋଜଗାର କରୁଛନ୍ତି। ତେବେ ଏହି ଗାଁ ଚାଟଶାଳୀ ପାଠପଢା କେଉଁଠି ଭଙ୍ଗା ଚାଳିଆ ତ, ଗଛ ମୂଳେ, ଆଉ କେଉଁଠି ଖୋଲା ଆକାଶ ତଳେ ତ, ଠାକୁରାଣୀ ମନ୍ଦିର ବେଢ଼ା ଓ ପଲିଥିନ୍ ତଳେ ଚାଲିଛି ବୋଲି ଏକ ଚାଟଶାଳୀର ଜଣେ ଶିକ୍ଷକ ନାମ ଗୋପନ ରଖିବା ସର୍ତରେ କହିଛନ୍ତି। ବ୍ଲକ୍‌ର ଅନେକ ଗାଁରେ ଚାଟଶାଳୀରେ ଛୋଟ ପିଲାମାନେ ଦୁଇବେଳା ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏଥିରୁ ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ କିଛି ଶିକ୍ଷା ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ୫ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

ପଟ୍ଟାମୁଣ୍ଡାଇ ୧୩।୪(ସ୍ୱ.ପ୍ର.)

**ରାଧାକୃଷ୍ଣ ଆଶ୍ରମରୁ ଚୋରି ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା କଖାରୁଣୀ ଗାଁର ରାଧାକୃଷ୍ଣ ଆଶ୍ରମରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଅଷ୍ଟଧାତୁ ମୂର୍ତ୍ତି ଚୋରି କରିଥିଲେ। ଏ ନେଇ ଥାନାରେ ମନ୍ଦିର କମିଟି ପକ୍ଷରୁ ମୟାଧର ପ୍ରଧାନ ଏତଲା ଦେଇଥିଲେ। ପୋଲିସ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମାରଣାସ୍ତ୍ର ସହ ଏକ କାର ଜବତ କରିଛି ବୋଲି ମଙ୍ଗଳବାର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଏସ୍‌ପି ଗାଗରିନ ମହାନ୍ତି, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ ଦେ, ପଟ୍ଟାମୁଣ୍ଡାଇ ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଆଇଆଇସି ଜ୍ୟୋତି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି। ଉକ୍ତ ଦିନ ରାତିରେ ଗଣ୍ଡାକିଆ–ସାନ୍ତସାହି ରାସ୍ତାରେ କେନ୍ଦ୍ରାପଡା ଟାଉନ ଥାନା ସବ୍‌ଇନ୍ସପେକ୍ଟର ଶରତ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ କରୁଥିଲା। ପାଟ୍ରୋଲିଂ ଟିମ୍ ରାସ୍ତାରେ ଏକ କାରକୁ ଅଟକାଇବାରୁ ସେଥିରୁ ଦୁଇଜଣ ଦୌଡି ପଳାଇଥିବା ବେଳେ ୪ ଜଣ ଧରା ପଡିଥିଲେ। ସେମାନଙ୍କ ସୂଚନା ଅଧାରରେ ଜଣକ ଗିରଫ କରାଯାଇଥିବା ବେଳେ ଆଉ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଡକାୟତ ହେଲେ ଅଜୟ କୁମାର ମଳିକ (୨୫), ଏସ.କେ. ସାହିର (୨୨), ରଞ୍ଜିତ ଜେନା (୩୫), ରଞ୍ଜିତ ବାରିକ (୨୩) ଓ ମକରା ମଳିକ (୨୯) ପୋଲିସ ଗିରଫ କରିଛି। ଏମାନଙ୍କଠାରୁ ଗୋଟିଏ ରାଧାକୃଷ୍ଣଙ୍କ ଅଷ୍ଟଧାତୁ ମୂର୍ତ୍ତି, ଗୋଟିଏ କୃଷ୍ଣ ମୂର୍ତ୍ତି, ଗୋଟିଏ ଆଣ୍ଠୁଆ ଗୋପାଳ, ସୁନା ବଇଁଶୀ, ୪ ଶାଳଗ୍ରାମ ଉଦ୍ଧାର କରିବା ସହ ଲୁହା ଛଡ, ଖଣ୍ଡା, ଭୁଜାଲି, କଟୁରି, ଲୁହାରଡ ଓ ଛୁରି ଜବତ କରାଯାଇଥିଲା। ଡକାୟତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସେମାନେ ବ୍ୟବହାର କରିଥିବା କାରଟି କାହାର ସେ ନେଇ ପୋଲିସ ଛାନବିନ ଚଳାଇଛି।

## ଇଂଲିଶ ଖବରକାଗଜ ପଠନ ପ୍ରତିଯୋଗିତା

**ଶିକ୍ଷାବିତ୍ ଭୋଳାନାଥ ମିଶ୍ରଙ୍କ ସ୍ମୃତିସଭା**

ପଟ୍ଟାମୁଣ୍ଡାଇ ୧୩।୪(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା କାଠିଆପଡା ଦକ୍ଷିଣେଶ୍ୱର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭୋଳାନାଥ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ୧୯୮୭ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ର ସଂସଦ ପକ୍ଷରୁ ହୋଇଥିଲା। ଏଥିରେ ପିଲାମାନଙ୍କ ମଧ୍ୟରେ ଇଂଲିସ ଖବରକାଗଜ ପଠନ ପ୍ରତିଯୋଗିତା ସ୍କୁଲ ପରିସରରେ କୋଭିଡ୍ କଟକଣା ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ 'ଓଡ଼ିଶା ପୋଷ୍ଟ' ଇଂଲିସ ଖବରକାଗଜ ପଢିବାକୁ ଦିଆଯାଇଥିଲା। ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅନୀଲ କୁମାର ବଳ ମୁଖ୍ୟଅତିଥି, ପ୍ରାକ୍ତନ ସ୍କୁଲ ଏସଆଇ ବ୍ରହ୍ମାନନ୍ଦ ସାମନ୍ତରାୟ ମୁଖ୍ୟବକ୍ତା, ଶିକ୍ଷାବିତ୍ ତଥା ଇଂଲିସ ଖବରକାଗଜ ପାଠକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ଉତ୍ତମ ଶିକ୍ଷାଦାନ, ଇଂରାଜି ଭାଷାରେ ଦକ୍ଷତା, ସ୍କୁଲ ବିକାଶରେ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର କିଶୋର କୁମାର ଜେନା ସ୍ୱାଗତ ଭାଷଣ, କ୍ଷୀରୋଦ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ଇଂଲିସ ଖବର କାଗଜ ପଠନ ପ୍ରତିଯୋଗିତାର ଶ୍ରେଷ୍ଠ ପାଠକ ଭାବେ ଦକ୍ଷିଣେଶ୍ୱର ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଅର୍ପିତା ପ୍ରିୟଦର୍ଶନୀ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାର୍ତ୍ତିକ ସ୍ୱାଇଁ, କିଶୋର ଜେନା, ବଳରାମ ସାହୁ, ମନୋରଞ୍ଜନ ଆଚାର୍ଯ୍ୟ, ନିରଞ୍ଜନ ସାହୁ, ଅଭିରାମ ସାହୁ ଓ ପାରେଶ୍ୱର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲାର ୧୫ ମନ୍ଦିରରେ ୧୪୪ ଧାରା

ଜଗତ୍‌ସିଂହପୁର ଅଫିସ/ତିର୍ତ୍ତୋଲ (ଡି.ଏନ୍.ଏ.),୧୩।୪




ପଣା ସଂକ୍ରାନ୍ତି ଓ ଝାମୁଯାତ୍ରାରେ ବିଭିନ୍ନ ଦେବଦେବୀ ମନ୍ଦିରରେ ଭିଡ଼ ହେବାର ସମ୍ଭାବନା ରହିଛି। କରୋନା ସଂକ୍ରମଣ ଦ୍ରୁତଗତିରେ ବଢୁଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବାକୁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ୧୫ଟି ମନ୍ଦିର ଉପରେ ୧୪୪ ଧାରା ଜାରି କରାଯାଇଛି। ଏହି ମନ୍ଦିରଗୁଡ଼ିକ ହେଲା କନକପୁରସ୍ଥିତ ମା' ଶାରଳା ମନ୍ଦିର, ଏରସମାର ପଞ୍ଚୁପଲ୍ଲୀସ୍ଥିତ ଗ୍ରାମେଶ୍ୱର ମନ୍ଦିର, ନାଉଗାଁର କୋରୁଅସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର, ପରାହାଟର ମା'ଭଗବତୀ ମନ୍ଦିର, ନାଗପୁରର ମା'ଜାଗୁଲାଇ ମନ୍ଦିର, ଖେଳାରିସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର, ବାଲିକୁଦାର ଦେଓଗାଁସ୍ଥିତ କନକେଶ୍ୱର ମହାଦେବ ମନ୍ଦିର, ବିଅଁଳର ଗଡେଶ୍ୱର ମହାଦେବ ମନ୍ଦିର, ଜଗତ୍‌ସିଂହପୁର ସୋମନାଥ ହାଟ ପରିସର ମୁଚୁକୁନ୍ଦ ମହାଦେବ ମନ୍ଦିର, ରଘୁନାଥପୁର ତହସଲ କେରକେରାସ୍ଥିତ ଗୋରେଖନାଥ ପୀଠ, ରୁଦ୍ରେଶ୍ୱର ମନ୍ଦିର, ବିରିଡ଼ିର ଧାନକୁଦ ଜଗନ୍ନାଥ ମନ୍ଦିର, କାଇଜଙ୍ଗାସ୍ଥିତ ହନୁମାନ ମନ୍ଦିର ଏବଂ ଏରସମାର ନୂଆଗାଁସ୍ଥିତ ମହାବୀର ମନ୍ଦିର ଓ ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ଜଗନ୍ନାଥ ମନ୍ଦିର। ନିର୍ଦ୍ଦେଶନାମା ୧୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

## ଜିସିସି ପ୍ରିମିୟର ଲିଗ୍: ବାଲିକୁଦା ଚାମ୍ପିୟନ

ବାଲିକୁଦା,୧୩।୪(ସ୍ୱ.ପ୍ର.)

ଅଳାଭର ପଞ୍ଚାୟତ ଗାଦିପଡ଼ିଆରେ ୧୩ତମ ଗାଦିବ୍ରହ୍ମ ଚ୍ୟାଲେଞ୍ଜର ଟ୍ରଫି ଅନୁଷ୍ଠିତ ହୋଇଯାଇଛି। ଗାଦିବ୍ରହ୍ମ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ଦିବାରାତ୍ର ଟୁର୍ଣ୍ଣାମେଣ୍ଟରେ ବାଲିକୁଦାର ମା' ଥାନପତି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମା' ଥାନପତି ଓ କାକଟପୁରର ନୂଆହାଟ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିଣି ନୂଆହାଟ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ୍ ହରାଇ ୬୪ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଥାନପତି ଟିମ ନିର୍ଦ୍ଧାରିତ ଓଭରରେ ୨ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଥାନପତି ଟିମର ବାଦଶାହା ଓ ମ୍ୟାନ ଅଫ ଦି ସିରିଜ ଭାବେ ସତ୍ୟରଞ୍ଜନ ଦାସ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ସରପଞ୍ଚ ଅଶୋକ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଦଳ ଓ ରନର୍ସ ଅଫ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଅମ୍ପାୟର ଭାବେ ବିଶ୍ୱଜିତ ପରିଡ଼ା, ପ୍ରମୋଦ ଲେଙ୍କା ଦାୟିତ୍ୱ ବହନ କରିଥିଲେ।




ମନ୍ତ୍ରୀ ରଘୁନନ୍ଦନ ଦାସ ବିଜୟୀ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଉକୁନ୍ଦରା ପଞ୍ଚାୟତରେ ଲୋକାୟୁକ୍ତ ଟିମ୍ ତଦନ୍ତ

ବିରିଡି,୧୩।୪(ଡି.ଏନ୍.ଏ.)



ଉକୁନ୍ଦରା ପଞ୍ଚାୟତ କାର୍ଯ୍ୟାଳୟରେ ଲୋକାୟୁକ୍ତ ଟିମ୍ ତଦନ୍ତ କରୁଛି।

ବିରିଡି ବ୍ଲକ ଅନ୍ତର୍ଗତ ଉକୁନ୍ଦରା ପଞ୍ଚାୟତରେ ମଙ୍ଗଳବାର ଭୁବନେଶ୍ୱରରୁ ଲୋକାୟୁକ୍ତ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏଠାକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଉକୁନ୍ଦରା ଗ୍ରାମର ଶଶିଭୂଷଣ ଷଡ଼ଙ୍ଗୀ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ପରେ (ନଂ.୧୩୦/୨୧)ରେ ମାମଲା ପଞ୍ଜୀକୃତ ହୋଇଥିଲା। ଏନେଇ ଲୋକାୟୁକ୍ତ ଟିମ୍ ପଞ୍ଚାୟତରେ ପହଞ୍ଚି କ୍ଷେତ୍ର ଉପରକୁ ଯାଇ ବିଭିନ୍ନ ପ୍ରକଳ୍ପର ମାପଚୁପ କରିବା ସହ ପ୍ରକଳ୍ପ ଗୁଡ଼ିକୁ ଠିକ୍ ଭାବେ କରାଯାଇଛି କି ନାହିଁ ତାହାର ତଦନ୍ତ କରିଥିଲେ। ଏହି ଟିମ୍‌ରେ ୨ ଜଣ ସଦସ୍ୟ ଥିଲେ। ମାନଗୋବିନ୍ଦ ବିଶ୍ୱାଳ ଏହାର ନେତୃତ୍ୱ ନେଉଥିଲେ। ବ୍ଲକର ସହକାରୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ସେଠୀ, ସରପଞ୍ଚ ଚନ୍ଦ୍ରଶେଖର ଦାଶ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ତହସିଲ କାର୍ଯ୍ୟାଳୟରେ ୨୩ ପଦବୀ ଖାଲି

ନାଉଗାଁ,୧୩।୪(ସ୍ୱ.ପ୍ର.)

- **୩୮ ସ୍ଥାନରେ ୧୫ କର୍ମଚାରୀ କାମ କରୁଛନ୍ତି**
- **ଦଲାଲ ସକ୍ରିୟଯୋଗୁ ଲୋକେ ହନ୍ତସନ୍ତ**

ତହସିଲ କାର୍ଯ୍ୟାଳୟ ହେଉଛି ରାଜସ୍ୱ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜମି ଜମା ସଂକ୍ରାନ୍ତୀୟ କାଗଜପତ୍ର ଓ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯାଏ। ତେବେ ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ ଅଧୀନରେ ୫ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଏସବୁ କାର୍ଯ୍ୟାଳୟରେ ବହୁ ପଦପଦବୀ ଖାଲପଡ଼ିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସୁଯୋଗ ନେଇ ଦଲାଲମାନେ ସକ୍ରିୟ ହୋଇଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି।

ତହସିଲ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ମୋଟ ପଦବୀ ସଂଖ୍ୟା ୩୮। ସେଥିରୁ ବିଭିନ୍ନ ପଦ ପଦବୀରେ ୧୩ଜଣ କର୍ମଚାରୀ ଥିବାବେଳେ ଡେପୁଟେଶନରେ ୨ଜଣ କର୍ମଚାରୀ ରହିଛନ୍ତି। ୩୮ ଜଣଙ୍କ ବଦଳରେ କେବଳ ୧୫ ଜଣ କର୍ମଚାରୀରେ ରହିଛନ୍ତି। ଅନ୍ୟ ୨୩ ପଦବୀ ଖାଲିପଡ଼ିଛି। ଫଳରେ ତହସିଲ କାର୍ଯ୍ୟ ଠିକ୍ ଭାବେ ଚାଲି ପାରୁନାହିଁ। କର୍ମଚାରୀ ଅଭାବ ଫାଇଦା ଦଲାଲମାନେ ଉଠାଉଛନ୍ତି। ସେମାନେ ତହସିଲର କେତେଜଣ କର୍ମଚାରୀଙ୍କୁ ହାତବାରିସି କରି ଜମିଜମା କାଗଜପତ୍ର ହେଉ କିମ୍ବା କୌଣସି ପ୍ରମାଣପତ୍ର ପାଇଁ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ଅପରପକ୍ଷେ ଦେବୀ ନଦୀ ପଠାର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ଦିନକୁ ଦିନ ବଢ଼ିଚାଲିଛି। ଏହାସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। କାର୍ଯ୍ୟାଳୟରେ ବିଭିନ୍ନ କର୍ମଚାରୀଙ୍କ ପଦପଦବୀ ଖାଲି ପଡ଼ିଥିବାରୁ ଏସବୁ ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ କାର୍ଯ୍ୟାଳୟର ଖାଲି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏ ବିଷୟରେ ତହସିଲଦାର ଜେ.କଳ୍ପନା କହିଛନ୍ତି, ପଦ ପଦବୀ ପୂରଣ ଜିଲା ପ୍ରଶାସନଙ୍କ ଦ୍ୱାରା ହୋଇଥାଏ। ଏ ସମ୍ପର୍କରେ ଉପ ଜିଲାପାଳ ଧର୍ମାନନ୍ଦ ମଲ୍ଲିକଙ୍କ ସହ ମୋବାଇଲ ନଂ.୯୪୩୭୪୫୪୩୦୨ ରେ ଯୋଗାଯୋଗ କରାଯାଇଥିଲା ମାତ୍ର ସେ ଫୋନ ନ ଉଠାଇବାରୁ ଅଧିକ ତଥ୍ୟ ମିଳିପାରି ନାହିଁ।

## ୨ କଳାପଥର ବୋଝେଇ ଗାଡ଼ି ଜବତ

ଚଣ୍ଡିଖୋଲ,(ଡି.ଏନ.ଏ.): ଚଣ୍ଡିଖୋଲ ବନବିଭାଗ ପକ୍ଷରୁ ମଙ୍ଗଳବାର ୫୩ ନଂ ଜାତୀୟ ରାଜପଥର ଶ୍ରୀରାମପୁର ଟୋଲଗେଟ୍ ନିକଟରୁ ଦୁଇଟି କଳାପଥର ବୋଝେଇ ହାଇୱା ଜବତ କରାଯାଇଛି। ଧର୍ମଶାଳା ଅଞ୍ଚଳରୁ କଳାପଥର ବୋଝେଇକରି ଆସୁଥିବା ଉକ୍ତ ୨ ଦୁଇ ହାଇୱାକୁ ବନ ବିଭାଗ କର୍ମଚାରୀ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଡ୍ରାଇଭର ଦ୍ୱୟ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ କର୍ମଚାରୀ ଗାଡ଼ି ଦୁଇଟିକୁ ଜବତ କରି ବୈରୀ ଡ଼ାଳିଯୋଡ଼ା ଫରେଷ୍ଟ ରେଞ୍ଜ ଅଫିସ୍‌କୁ ନେଇଥିଲେ। ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ବନକର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ, ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ଅଧ୍ୟାପକ କରୋନା ଆକ୍ରାନ୍ତ

ସିଂହପୁର,୧୩।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଜଣେ ଅଧ୍ୟାପକ କରୋନା ଆକ୍ରାନ୍ତ ହୋଇଛନ୍ତି। ସମ୍ପୃକ୍ତ ଅଧ୍ୟାପକ ଆକ୍ରାନ୍ତ ହେବା ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବୋଧ କୁମାର ନାୟକ ଉପଜିଲାପାଳଙ୍କୁ ଅବଗତ କରାଇଛନ୍ତି। ତେଣୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ କରୋନା ଟେଷ୍ଟ କରାଇବାକୁ ଅଧ୍ୟକ୍ଷ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ଭକ୍ତଶୂନ୍ୟ ହେବ ସିଂହାପୁର ଯାତ୍ରା

ରସୁଲପୁର,୧୩।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ସିଂହାପୁରସ୍ଥିତ ଜଳଶାୟୀ ନାରାୟଣ ଗୋସାଇଁଙ୍କ ୩ ଦିନିଆ ସ୍ଥଳବିଜେ ଯାତ୍ରା ପୂର୍ବବର୍ଷ ଭଳି ଏଥର ବି ଭକ୍ତଶୂନ୍ୟ ହେବ। ଯାଜପୁର ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ସହ କରୋନା କଟକଣାକୁ ଅନୁପାଳନ କରି ଯାତ୍ରା କରିବା ପାଇଁ ରସୁଲପୁର ତହସିଲଦାର ଓ କୁଆଖିଆ ଥାନା ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୁଆଖିଆ ଥାନା ପକ୍ଷରୁ ମଧୁତୀର୍ଥ ପୁଷ୍କରଣୀର ୩୦୦ ମିଟର ବ୍ୟାସାର୍ଦ୍ଧରେ ୧୪୪ଧାରା ଜାରି କରାଯାଇଛି। ୧୩ ତାରିଖଠାରୁ ୧୬ ତାରିଖ ସକାଳ ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ମାତ୍ର ଯାତ୍ରା ସମୟରେ ପୂଜକ, ସେବାୟତ, କମିଟି ସଦସ୍ୟ, ରାଜପରିବାରର ସଦସ୍ୟଙ୍କୁ ମିଶାଇ ମୋଟ ୫୦ଜଣଙ୍କୁ ପୂଜା ସ୍ଥଳକୁ ପ୍ରବେଶ ପାଇଁ ଅନୁମତି ମିଳିବ। ପଣାସଂକ୍ରାନ୍ତି ପ୍ରତ୍ୟୁଷରେ ଠାକୁରଙ୍କୁ ପୁଷ୍କରଣୀରୁ ବାହାରକୁ ଅଣାଯିବ। ପୁଷ୍କରଣୀ ପାବଚ୍ଛରେ ପୂଜାର୍ଚ୍ଚନା କରାଯାଇ ମନ୍ଦିର ବିଜେ କରାଯିବ। ଏହି ସମୟରେ ଠାକୁରଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବରେ ସମାପନ ହେବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯିବ। ତେବେ ଚଳିତ ବର୍ଷ ଭକ୍ତଙ୍କୁ ନେଇ ଯାତ୍ରା ହେବାର ଥିଲା। ମାତ୍ର ୧୧ତାରିଖରେ ସିଂହାପୁର ଅଞ୍ଚଳରୁ ଜଣେ ବିଦେଶ ଫେରନ୍ତା କରୋନା ରୋଗୀ ଚିହ୍ନଟ ହେବାରୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି ବୋଲି ରାଜଜେମା ଅପର୍ଣ୍ଣାଧିର ସିଂ ମତ ରଖିଛନ୍ତି।

### ସପ୍ତାହରେ ୧୮ ଆକ୍ରାନ୍ତ ଚିହ୍ନଟ

ରସୁଲପୁର,୧୩।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳରେ କରୋନା ପ୍ରଭାବ ବଢ଼ିବାରେ ଲାଗିଛି। ଚଳିତ ସପ୍ତାହରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ସେଥି ମଧ୍ୟରୁ ୪ଜଣ ବହିରାଗତ ବୋଲି ଜଣାପଡ଼ିଛି। ଅନ୍ୟମାନେ ରାଜ୍ୟ ଭିତରରେ ଆକ୍ରାନ୍ତ ହୋଇଛନ୍ତି। ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୧୬ଜଣଙ୍କୁ ଗୃହ ସଂଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ମଙ୍ଗଳବାର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କ ସ୍ୱାବ୍ ଓ ୫୩ ଜଣଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୪ଜଣଙ୍କ ପଜିଟିଭ ବାହାରିଛି। ସେମାନଙ୍କ ମଧ୍ୟରୁ ୨ଜଣ ଭୁବନେଶ୍ୱର ଫେରନ୍ତା ବୋଲି ଜଣାପଡ଼ିଛି। ଅନ୍ୟ ୨ଜଣ ଲୋକାଲ କେସ୍ ବୋଲି କୁହାଯାଉଛି। ଏହି ୪ଜଣଙ୍କୁ ହୋମ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ତେବେ ପ୍ରତ୍ୟେକ ଦିନ କରୋନା ଆକ୍ରାନ୍ତ ସଂଖ୍ୟା ବଢୁଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ଶତାୟୁଙ୍କ ପରଲୋକ

ବରୀ,୧୩।୪(ଡି.ଏନ.ଏ.): ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତର ଶତାୟୁ ବାସୁଦେବ କଣ୍ଡଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୨ ବର୍ଷ ହୋଇଥିଲା। ବାସୁଦେବ କନକ ଦୁର୍ଗା ବିଦ୍ୟାପୀଠ ଗଠନ ପାଇଁ ଜମିଦାନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପ୍ରଫେସର ଦେବ ପ୍ରସାଦ ସାମଲ, ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲ, ସାମାଜିକ କର୍ମୀ ଅଦ୍ୱୈତ ସାମଲ ଓ ପ୍ରକାଶ ପଡ଼ିହାରୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ଼ ପୁଅ ବିରଞ୍ଚି ନାରାୟଣ ମୁଖାଗ୍ନି ଦେଇଥିଲେ।

# ଚୁଆ ପାଣି ଭରସା

## ୯୫ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ

**ଯାଜପୁର ଜିଲା**

- ଠିକାଦାରଙ୍କୁ ଜରିମାନା ପ୍ରଭାବହୀନ
- ନିମ୍ନମାନର କାମ ଅଭିଯୋଗ

ଯାଜପୁର ଅଫିସ,୧୩।୪

ସମ୍ପ୍ରତି ଗ୍ରୀଷ୍ମର ପ୍ରକୋପ ଦେଖିବାକୁ ମିଳିଲାଣି। ଏଭଳିସ୍ଥଳେ ଯାଜପୁର ଜିଲାର ମାତ୍ର ୧୦% ଗ୍ରାମାଞ୍ଚଳ ପରିବାର ଲୋକଙ୍କୁ ପାଇପ ଯୋଗେ ସ୍ୱଚ୍ଛ ପାଣି ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି। ପ୍ରାୟ ୨ ବର୍ଷ ହେବ ଶତାଧିକ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ତେବେ ଜାନୁୟାରୀ ସୁଦ୍ଧା ୮୮ କୋଟି ୮୪ ଲକ୍ଷ ୫୮ ହଜାର ଟଙ୍କାର ୯୫ଟି ପ୍ରକଳ୍ପ ନିର୍ମାଣାଧୀନ ଥିବା ସୂଚନା ମିଳିଛି। ଏଥିରୁ ୩୮ଟି ୧ ବର୍ଷ ଓ ୧୯ଟି ପ୍ରକଳ୍ପ ୧ ବର୍ଷରୁ ଉର୍ଦ୍ଧ୍ୱ କାଳ ହେବ ସମ୍ପୂର୍ଣ୍ଣ ହୋଇପାରିନାହିଁ। ୨୯।୧।୨୦୨୧ରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ୬ ମାସ ବିଳମ୍ବ ପ୍ରକଳ୍ପଗୁଡ଼ିକର ସମ୍ପୃକ୍ତ ଠିକାଦାରମାନଙ୍କଠାରୁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ସୁଯୋଗରେ ସମ୍ପୃକ୍ତ ଠିକାଦାର ନିମ୍ନମାନର କାମକରି ଯେନତେନ ପ୍ରକାରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରୁଥିବା ନଜିର ରହିଛି। ଫଳରେ ଖରା ମାସରେ ଶୁଦ୍ଧ ପାନୀୟ ଟିକକ ପାଇଁ ଜିଲାର ଗ୍ରାମାଞ୍ଚଳବାସୀ ହାହାକାର ହେଉଛନ୍ତି।

ଯାଜପୁର ଜିଲାର ୧୦ ବ୍ଲକରେ ୩,୭୮,୬୪୫ ପରିବାର ବାସ କରୁଛନ୍ତି। ଏହି ପରିବାରଗୁଡ଼ିକର ଜନସଂଖ୍ୟା ହେଉଛି ୧୭,୩୧,୯୫୦। ଏହି ପରିବାରଗୁଡ଼ିକ ମଧ୍ୟରୁ ପ୍ରାୟ ୩୭୦୦ ପରିବାରଙ୍କୁ ପାଇପ୍ ଦ୍ୱାରା ଜଳ ଯୋଗାଣ କରାଯାଇଛି। ବାକି ୯୦ ପ୍ରତିଶତ ପରିବାର ନଳକୂପ ଓ ବିଭିନ୍ନ ଉତ୍ସରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଅବଶିଷ୍ଟ ପରିବାରଗୁଡ଼ିକୁ ୨୦୨୨ ସୁଦ୍ଧା ପାଇପ ଜଳଯୋଗାଣ କରିବାକୁ ଧାର୍ଯ୍ୟ ହୋଇଛି। ଏଥିପାଇଁ ବସୁଧା ଓ ଜଳ ଜୀବନ ମିଶନ ଯୋଜନାରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ହେଲେ ଠିକାଦାରୀ ରାଜନୀତି ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ୯୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥିରେ ବରୀ ବ୍ଲକରେ ୯, ବିଞ୍ଝାରପୁରରେ ୭, ବଡ଼ଚଣାରେ ୧୫, ଧର୍ମଶାଳାରେ ୧୬, ଦାନଗଦିରେ ୧୦, ଯାଜପୁରରେ ୧୫, ଦଶରଥପୁରରେ ୧୦, କୋରେଇରେ ୭, ରସୁଲପୁରରେ ୬ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ସୁକିନ୍ଦା ବ୍ଲକରେ ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ରିପୋର୍ଟରୁ ଜଣାପଡିଛି। କୋରେଇ ବ୍ଲକ କାଚରାସାହି ପଞ୍ଚାୟତରେ ୪ଟି ୱାର୍ଡର ପ୍ରାୟ ୫୦ ପରିବାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଜଳ ଜୀବନ ମିଶନ ଯୋଜନାରେ ଏକ ପ୍ରକଳ୍ପ ନିର୍ମାଣ ହେଉଛି। ଏଥିପାଇଁ ୧ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ହେଲେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପାଇପ ବିଛା ନାମରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବାବେଳେ ଅତି ନିମ୍ନମାନର ପାଇପ ବ୍ୟବହାର କରାଯାଇଥିବା ସ୍ଥାନୀୟବାସୀ ପ୍ରକାଶ କରିଛନ୍ତି।



କୋରେଇ ବ୍ଲକ ପଚ୍ଛିକୋଟ ଗ୍ରାମରେ ନିର୍ମାଣାଧୀନ ଏକ ପାନୀୟ ଜଳ ପ୍ରକଳ୍ପ।

କୋରାବନ୍ଦୀ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଶେଷ ହେବାର ୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ଟିକକ ପାଇଁ ନୟାନ୍ତ ହେଉଛନ୍ତି। ଏହି ପ୍ରକଳ୍ପର ପାଇପ ନାଳନର୍ଦ୍ଦମାରେ ଭାସୁଥିବା ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ ଅଣ୍ଡିଆ ଗ୍ରାମ ପଞ୍ଚାୟତ ବାଉଁଶଅଣ୍ଡା ଓ କୁସ୍ତିରା ଗ୍ରାମ ଲୋକେ ଏବେ ଚୁଆ ପାଣି ପିଉଥିବା ଦେଖିବାକୁ ମିଳିଛି। ୧।୨।୨୦୧୯ରେ ଏହି ଦୁଇ ଗ୍ରାମବାସୀଙ୍କ ପାଇଁ ଜଳଜୀବନ ମିଶନ ଜରିଆରେ ଏକ ପାଇପ ଜଳଯୋଗାଣ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏଥିପାଇଁ ୬୨ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ହେଲେ ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କୋରେଇ ବ୍ଲକ କଡମା ଗ୍ରାମବାସୀ ମଧ୍ୟ ଚୁଆ ପାଣି ଉପରେ ଭରସା କରିଛନ୍ତି। ଏଭଳି ଭାବେ ଅନେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିବାରୁ ଗ୍ରାମବାସୀ ବିଶୁଦ୍ଧ ପାଣି ଟିକକ ପାଇଁ ଅପେକ୍ଷାରେ ରହିଛନ୍ତି। ଏନେଇ ଗ୍ରାମବାସୀ ବିଭିନ୍ନ ସ୍ତରରେ ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳିପାରି ନାହିଁ। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସାରିବାକୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କରୋନା ଓ ପ୍ରାକୃତିକ ବିପର୍ଯ୍ୟୟ କାର୍ଯ୍ୟ ଅଗ୍ରଗତିରେ ବାଧା ସୃଷ୍ଟି କରିଛି। ତଥାପି ନିର୍ଦ୍ଧାରିତ ସମୟର ୬ ମାସରୁ ଉର୍ଦ୍ଧ୍ୱ କାଳ ବିଳମ୍ବ ପ୍ରକଳ୍ପର ଠିକାଦାରମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

## ନାବାଳକ ମୃତ୍ୟୁ ଘଟଣାରେ ଆଉ ୩ ଗିରଫ

ଧର୍ମଶାଳା,୧୩।୪(ଡି.ଏନ.ଏ.)

ଧର୍ମଶାଳା ଥାନା ମୁରାରୀପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳରେ ଜଣେ ନାବାଳକଙ୍କ ମୃତ୍ୟୁ ହେବା ଘଟଣାରେ ପୋଲିସ ଆଉ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ଆରୁହା ଗ୍ରାମର ବେଣୁଧର ଜେନା(୫୫), ଯୋଗେନ୍ଦ୍ର ରଣା(୪୧) ଓ ସଂଗ୍ରାମ ରଣା(୩୩)। ଘଟଣାରେ ପ୍ରଥମେ ଅଭିଯୁକ୍ତ ନରହରି ରଣାଙ୍କୁ ଗିରଫ କରାଯାଇଥିଲା। ତେବେ ପୋଲିସ ତଦନ୍ତବେଳେ ଏହି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ସେହି ଅନୁସାରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ମୁରାରୀପୁର ଗ୍ରାମର ନାଲୁ ପାତ୍ରଙ୍କ ଆରୁହା ଅଞ୍ଚଳର ନରହରିଙ୍କ ସହିତ ପୂର୍ବଶତ୍ରୁତା ଥିଲା। ନାଲୁଙ୍କ ୨ପୁଅ ଆରୁହା ହାଟକୁ ଯାଇ ଥିବାବେଳେ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଏଥିରେ ବବୁଲ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା।

# ପଚ୍ଛୁଆବର୍ଗଙ୍କ ସର୍ଭେ ପାଇଁ ପ୍ରଶିକ୍ଷଣ ଶିବିର



ସର୍ଭେ ଲାଗି ନିୟୋଜିତ ବ୍ଲକ୍ ଓ ପୌରାଞ୍ଚଳସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ମେ ୧ ରୁ ୨୫ ପର୍ଯ୍ୟନ୍ତ ଚାଲିବ**

ଯାଜପୁର ଅଫିସ,୧୩।୪

ପଚ୍ଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସର୍ଭେ ମେ' ୧ ରୁ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ସର୍ଭେ କରିବା ଲାଗି ନିୟୋଜିତ ବ୍ଲକ୍ ଓ ପୌରାଞ୍ଚଳସ୍ତରୀୟ ମାଷ୍ଟର ଟ୍ରେନରଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ତଥ୍ୟାବଳୀ ଉଲ୍ଲେଖ ସମୟରେ ହିତାଧିକାରୀଙ୍କ ଠିକ ନାମ, ବୟସ ଓ ଅନ୍ୟାନ୍ୟ ତଥ୍ୟ ଗୁଡିକୁ ନିର୍ଭୁଲ ଭାବେ ଉଲ୍ଲେଖ କରିବା ସହ ପଚ୍ଛୁଆ ବର୍ଗର ତାଲିକାନୁସାରେ କାର୍ଯ୍ୟ ପରିଚାଳନା ପାଇଁ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସତର୍କ କରାଇଛନ୍ତି। ଅତିରିକ୍ତ ଜିଲାପାଳ ତଥା ଜିଲା ନୋଡାଲ ଅଫିସର ମିହିର ପ୍ରସାଦ ମହାନ୍ତି ଏ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିଲେ। ତାଲିକା ପ୍ରସ୍ତୁତିର ଆବଶ୍ୟକତା, ବ୍ୟବସ୍ଥା ଓ ପ୍ରତ୍ୟେକଙ୍କ କାର୍ଯ୍ୟପ୍ରଣାଳୀ ପ୍ରଣାଳୀ ସମ୍ପର୍କରେ ଅବଗତ କରାଇଥିଲେ । ଯେଉଁ ମାର୍ଗଦର୍ଶିକା ଓ ନିର୍ଦ୍ଦେଶ ଆଧାରରେ ସରକାର ସର୍ଭେ ପାଇଁ ଦାୟିତ୍ୱ ଦେଇଛନ୍ତି ତା'ର ଯେପରି ଉଲ୍ଲଂଘନ ନ ହୁଏ ସେଥିପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲାର ମୋଟ ୮୧୬ ଟି କେନ୍ଦ୍ର ମାଧ୍ୟମରେ ଏହି ଗଣନା କରାଯିବ । ଯେଉଁଥିରେ ୮୧୯ ଜଣ ଏନୁମେରେଟର ବା ଗଣନାକାରୀ ନିୟୋଜିତ ହେବେ । ସେମାନଙ୍କୁ ୮୫ ଜଣ ସୁପରଭାଇଜର, ୪୮ ଜଣ ବ୍ଲକ ଓ ପୌରାଞ୍ଚଳ ମାଷ୍ଟର ଟ୍ରେନର ଓ ୪ ଜଣ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଉପଯୁକ୍ତ ପ୍ରଶିକ୍ଷଣ ଓ ସହାୟତା ପ୍ରଦାନ କରାଇବେ ବୋଲି ସୂଚନା ମିଳିଛି। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଗୋପୀନାଥ କୁଅଁର, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି, ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ବରିଷ୍ଠ ସହାୟକ ରମେଶଚନ୍ଦ୍ର ବୋଇତାଇ ପ୍ରମୁଖ ବିଭିନ୍ନ ସୂଚନା ଦେଇଥିଲେ।

## ଡଙ୍କାରୀ ପାହାଡ଼ରୁ ୬ ଗାଡ଼ି ଜବତ

ଧର୍ମଶାଳା/ଚଢ଼େଇଧରା,୧୩।୪(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ କଳାପଥର ପାହାଡ଼ରେ ଯାଜପୁର ପୋଲିସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ୪ ହାଇୱା ଓ ୨ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହିତ ୨ ଜଣ ଗାଡ଼ି ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ଯାଜପୁର ରୋଡ୍ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ କଳିଙ୍ଗନଗର ଥାନା ଅଧିକାରୀ ସୁଶାନ୍ତ ଦାସ, ଜେନାପୁର ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ସମେତ ଧର୍ମଶାଳା ଥାନା ପୋଲିସ ସାମିଲ ହୋଇଥିଲେ। ଜବତ ଗାଡ଼ିଗୁଡ଼ିକୁ ଚଢ଼େଇଧରା ବିଟ୍ ହାଉସ୍‌ରେ ରଖାଯାଇଛି। ତେବେ ରାଜସ୍ୱ ବିଭାଗର କୌଣସି କର୍ମଚାରୀଙ୍କୁ ସାଙ୍ଗରେ ନ ନେଇ ଯାଜପୁର ପୋଲିସ ପକ୍ଷରୁ ଏଭଳି ଚଢ଼ାଉ କରାଯିବା ନେଇ ସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି। ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ହୋଇଥିବା ବୋମାମାଡ଼ ଘଟଣାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା ବୋଲି ଆଲୋଚନା ହେଉଛି। ଡଙ୍କାରୀ ଅଞ୍ଚଳରେ ଅଭିଯୁକ୍ତ ଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହେବାରୁ ଉକ୍ତ ଗାଡିଗୁଡ଼ିକୁ ଜବତ କରିଥିଲା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗାଡ଼ି ଜବତ କରାଯାଇଥିବା ନେଇ ପୋଲିସ କହିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢ଼ାଉ କରାଯାଇଥିବା ନେଇ ସ୍ପଷ୍ଟ କରିନାହିଁ।

## ବେଆଇନ ପଥର ଖାଦାନରେ ଚଢ଼ାଉ

ରଗଡି,୧୩।୪(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ମୌଜାରେ ଚାଲିଥିବା ମାଙ୍କଡା ବେଆଇନ ପଥର ଖାଦାନ ଉପରେ ଅତର୍କିତ ଚଢାଉ ହୋଇଛି। ରବିବାର ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ରାଜସ୍ୱ ବିଭାଗର ଚେତା ପଶିଛି। ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ଉକ୍ତ ପଥର ଖାଦାନ ଉପରେ ଚଢ଼ାଉ କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରବିନାରାୟଣ ସାହୁ, ଅମିନ କିଶୋର ପ୍ରଧାନ ମାପଚୁପ କରିଥିଲେ। ପଥର ଖାଦାନଟି ବ୍ୟକ୍ତିଗତ ଜମିରେ ଥିଲେ ମଧ୍ୟ ଏଥିପାଇଁ କୌଣସି ଅନୁମତି ନ ଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ଅତିରିକ୍ତ ତହସିଲଦାର ମଲ୍ଲିକ ସ୍ପଷ୍ଟ ଭାବେ ସୂଚନା ଦେଇଥିଲେ। ଏହି ମୂଲ୍ୟବାନ ମାଙ୍କଡା ପଥର ଲଘୁ ଖଣିଜ ସମ୍ପଦର ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ଉତ୍ତୋଳନ କଲେ ଆଇନ ଅନୁଯାୟୀ ଜୋରିମାନା ସହିତ ଦୃଢ଼ କାଯର୍ୟାନୁଷ୍ଠାନ ନିଆଯିବ ବୋଲି ମଲ୍ଲିକ ସଂପୃକ୍ତ ଖନନ କାରୀଙ୍କୁ ତାଗିଦ କରିଥିଲେ। ଉକ୍ତ ଜମି ମାଲିକ ପୁନର୍ବାର ଏହି ବେଆଇନ କାଯର୍ୟ କରିବେ ନାହିଁ ବୋଲି ଲିଖିତ ଆକାରରେ ଦେଇଥିବା ଜଣାପଡିଛି। ଏହି ବେଆଇନ ଖନନ ଉପରେ ସଂପୃକ୍ତ ଜମି ମାଲିକଙ୍କ ନାମରେ ଆଇନ ଅନୁଯାୟୀ ଜୋରିମାନା ଓ ଫୌଜଦାରୀ ମାମଲା ହୋଇପାରେ ବୋଲି ପଛିକୋଟ ରାଜସ୍ୱ ନିରୀକ୍ଷକ ସାହୁ ଏବଂ ଅତିରିକ୍ତ ତହସିଲଦାର ମଲ୍ଲିକ ସୂଚନା ଦେଇଛନ୍ତି।



ମାଙ୍କଡ଼ା ପଥର ଖାଦାନରେ ଚଢ଼ାଉ କରାଯାଉଛି।

## ବାରବାଟୀଠାରେ ଗଳିପୋଲ କାର୍ଯ୍ୟ ଆରମ୍ଭ

ରସୁଲପୁର,୧୩।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୧୬ନଂ ଜାତୀୟ ରାଜପଥର ବାରବାଟୀଠାରେ ମଙ୍ଗଳବାରଠାରୁ ଗଳିପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ଉକ୍ତ ସ୍ଥାନରେ ଗଳିପୋଲ ସ୍ଥାପନ ପାଇଁ ୨ ଦଶନ୍ଧି ଧରି ଦାବି ହୋଇ ଆସୁଥିଲା। ତେବେ ଏଠାରେ ପୋଲ ନିର୍ମାଣର ଶ୍ରେୟ ଭଜପାକୁ ଯାଇଛି। ଉକ୍ତ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ଭାଜପାର ୩୪ନଂ ଜିଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପାର ବରିଷ୍ଠ ନେତ୍ରୀ ଶ୍ରୀମନ୍ତିନୀ ଜେନା, ସମ୍ମାନିତ ଅତିଥି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ମଧୁପୁରଗଡ ରାଜପରିବାରର ଦାୟାଦ ଅପର୍ଣ୍ଣାଧିର ସିଂ, ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧୀର ଚନ୍ଦ୍ର ନାୟକ, ଯୁବନେତା ପ୍ରକାଶ ନାୟକ, ପ୍ରଫୁଲ୍ଲ ନାୟକ, ସନ୍ତୋଷ ବାରିକ, ସନ୍ତୋଷ ବେହେରା ଓ ସୋମନାଥ ଦାସଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ଅତିଥିମାନେ ନଡ଼ିଆ ଭାଙ୍ଗି ପୋଲ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅନ୍ୟପକ୍ଷରେ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଭାଜପା କର୍ମୀ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଠାରେ ପୋଲ ନିର୍ମାଣ ନେଇ ସେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀଙ୍କୁ ଅବଗତ କରାଇଥିଲେ। ତଦ୍‌ଅନୁଯାଇ ପ୍ରସ୍ତାବିତ ସ୍ଥଳରେ ପୋଲ ନିର୍ମାଣ ପାଇଁ ଅନୁମୋଦନ ହୋଇଥିଲା। ଉକ୍ତ ଅନୁମୋଦନ ଓ ନିର୍ଦ୍ଦେଶ ମୁତାବକ ରାଜପଥ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ବୋଲି ମୁଖ୍ୟଅତିଥି ଜେନା ପ୍ରକାଶ କରିଛନ୍ତି।



ଗଳିପୋଲ କାର୍ଯ୍ୟ ଶୁଭାରମ୍ଭ ଅବସରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ଆବଶ୍ୟକ ସ୍ଥଳରେ ହେଉନି ଗଳିପୋଲ

**ରସୁଲପୁର ବ୍ଲକ ଅଫିସ ସମ୍ମୁଖରେ ଗଳିପୋଲ ନିର୍ମାଣ ଦାବି ପ୍ରସଙ୍ଗ**

- ଅସୁବିଧା ଭୋଗିବେ ୩ ନିର୍ବାଚନମଣ୍ଡଳୀର ଜନସାଧାରଣ
- ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ରସୁଲପୁର,୧୩।୪(ଡି.ଏନ.ଏ.)

ଯାଜପୁର ଜିଲାର ରସୁଲପୁର ବ୍ଲକ କାର୍ଯ୍ୟାଳୟ ୧୬ ନଂ ଜାତୀୟ ରାଜପଥଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଛି। ଉକ୍ତ ବ୍ଲକର ୨୮ ପଞ୍ଚାୟତ ମଧ୍ୟରୁ ବରୀ ନିର୍ବାଚନମଣ୍ଡଳୀର ୧୦, ଧର୍ମଶାଳା ୩ ଓ କୋରେଇ ନିର୍ବାଚନମଣ୍ଡଳୀର ୩ଟି ପଞ୍ଚାୟତ ରହିଛି। ଏହି ୩ ନିର୍ବାଚନମଣ୍ଡଳୀ ଅଧୀନ ୧୬ଟି ପଞ୍ଚାୟତବାସୀ ରାଜପଥ ଅତିକ୍ରମ କରି ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ଏହାଛଡ଼ା ଜିଲା, ରାଜ୍ୟସ୍ତରର ପ୍ରଶାସକ, ଶାସକ, ବିଭିନ୍ନ ବିଭାଗୀୟ ଅଧିକାରୀ ବ୍ଲକ ଅଫିସକୁ ପ୍ରବେଶ କରିବାକୁ ହେଲେ ଏହି ପଥ ହିଁ ବଳିଷ୍ଠ ମାଧ୍ୟମ। ଏବେ ଜାତୀୟ ରାଜପଥରେ ଉନ୍ନତୀକରଣ କାର୍ଯ୍ୟ ଚାଲୁଛି। ତେବେ ବ୍ଲକ ଅଫିସ ସମ୍ମୁଖ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାରେ ଏକ ଗଳିପୋଲ ନିର୍ମାଣ କରାଯିବାକୁ ଦାବି ହୋଇଥିଲା। କିନ୍ତୁ ଏଠାରେ ଗଳିପୋଲ ହେବାର କୌଣସି ପ୍ରସ୍ତାବ ନ ଥିବା ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ରାସ୍ତା ଦେଇ ୩ଟି ନିର୍ବାଚନମଣ୍ଡଳୀ ଲୋକ ଯାତାୟାତ କରୁଥିଲେ ମଧ୍ୟ ଜଣେ ହେଲେ ବିଧାୟକ ସେମାନଙ୍କ ପାଇଁ ଅଣ୍ଟା ଭିଡୁନାହାନ୍ତି। ଅନ୍ୟପକ୍ଷରେ ଆବଶ୍ୟକ ସ୍ଥଳରେ ଗଳିପୋଲ ନିର୍ମାଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବରୀ ନିର୍ବାଚନମଣ୍ଡଳୀର ବନ୍ଧଡ଼ିହ, ବ୍ରହ୍ମବରଦା, ମହେଶ୍ୱରପଡ଼ୁ, ମଙ୍ଗରାଜପୁର, ଅର୍ଥଗାଁ, ସାମନ୍ତରାପୁର, ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଳାପୁର, ରାଉତରାପୁର, କୋରେଇ ନିର୍ବାଚନମଣ୍ଡଳୀର ବାହାଦଲାପୁର, ନରସିଂହପୁର, ମୁଗୁପାଳ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ରସୁଲପୁର, ବାରବାଟୀ ଓ ସିଂହାପୁର ଆଦି ପଞ୍ଚାୟତର ଜନସାଧାରଣ ବ୍ଲକ ସମ୍ମୁଖସ୍ଥ ରାଜପଥ ଦେଇ ବ୍ଲକ ଅଫିସକୁ ଆସିଥାନ୍ତି। ସେମାନଙ୍କ ପାଇଁ ଏହାହିଁ ଏକମାତ୍ର ଯାତାୟାତର ମାଧ୍ୟମ ବୋଲି କୁହାଯାଉଛି। ତେବେ ଏଠାରେ ଗଳିପୋଲ ନିର୍ମାଣ ନ ହେଲେ ରାଜପଥ ଅତିକ୍ରମ ହେବା ସମୟରେ ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବା ସମ୍ଭାବନା ରହିଛି। ତେଣୁ ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଗଳିପୋଲ ନିର୍ମାଣ କରାଯିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ପୁନର୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ସତ୍ତ୍ୱେ ଯଦି ଦାବି ପୂରଣ ନ ହୁଏ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଏମାନେ କ'ଣ କୁହନ୍ତି...



"ଏଠାରେ ଗଳିପୋଲ ନିର୍ମାଣ କରାଯିବା ନିହାତି ଦରକାର। ମୁଁ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଏଦିଗରେ କାହାରିକୁ ଅବଗତ କରାଇ ପାରିନାହିଁ। ଆଗାମୀ ଦିନରେ ଆମେ ଗଳିପୋଲ ଦାବି ନେଇ ଜିଲା ପ୍ରଶାସନ, ରାଜପଥ କର୍ତ୍ତୃପକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବୁ। ଏପରି କି ଗଳିପୋଲ ନିର୍ମାଣ ପାଇଁ ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇବୁ।

**ମାମି ମହାନ୍ତି, ସରପଞ୍ଚ, ବାହାଦଲାପୁର**



"ଗଳି ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି ହୋଇଆସୁଛି। ଏଦିଗରେ ଗାଁ ଲୋକେ ଜିଲା ପ୍ରଶାସନକୁ ଲିଖିତ ଭାବରେ ଅବଗତ କରାଇଛନ୍ତି। ହେଲେ ଏଥିରେ କୌଣସି ଅଗ୍ରଗତି ଘଟି ନ ଥିବା ଭଳି ମନେ ହେଉଛି। ବ୍ଲକ ସମ୍ମୁଖସ୍ଥ ରାଜପଥ ଉପରେ ଗଳିପୋଲ ନିର୍ମାଣ ଦାବି ଜୋରଦାର ହେବ। ଆବଶ୍ୟକସ୍ଥଳରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ଦାବିକୁ ଦୋହରାଇବେ।

**ବିଶ୍ୱଜ୍ୟୋତି ପତି, ଯୁବନେତା, ରସୁଲପୁର ଗ୍ରାମ**



"ଏଠାରେ ଏକ ଗଳିପୋଲର ହେବା ଆବଶ୍ୟକ। ଏପରି କି ବହୁ ଦିନ ତଳୁ ଗଳିପୋଲ ନିର୍ମାଣ ନେଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ସହ ଆଲୋଚନା କରିଥିଲି। ତେବେ ଏଠାରେ ଆପ୍ରୋଚ ରାସ୍ତା ନିର୍ମାଣ ନେଇ ଜମିଜମା ସମସ୍ୟା ରହିଛି। ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧି ଚାହିଁଲେ ଗଳିପୋଲ ହୋଇପାରିବ। ଯଥା ସମ୍ଭବ ମୁଁ ସହଯୋଗ କରିବି।

**ଉମାକାନ୍ତ ପରିଡ଼ା, ବିଡିଓ, ରସୁଲପୁର**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୪ ଏପ୍ରିଲ, ୨୦୨୧



## ଆମ୍ବ ଗଛରୁ ପଡ଼ି ଛାତ୍ର ମୃତ

**ଛତ୍ରପୁର,(ଡି.ଏନ.ଏ. ):** ଛତ୍ରପୁର ଥାନା ବଡମାଧପୁର ଗ୍ରାମରେ ଆମ୍ବ ଗଛରୁ ପଡ଼ି ମଙ୍ଗଳବାର ଏନାଦ୍ରି ବେହେରାଙ୍କ ସାନ ପୁଅ ସିଲୁଙ୍କ ମୃତ୍ୟୁ ଘଟିଛି। ସେ ସକାଳେ ରଷିକୁଲ୍ୟା ନଦୀ ପାର୍ଶ୍ୱରେ ଥିବା ତୋଟାକୁ ଆମ୍ବ ତୋଳିବା ପାଇଁ ଗଛ ଉପରକୁ ଚଢ଼ିଥିଲେ। କୌଣସି କାରଣରୁ ଗୋଡ଼ ଖସି ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସିଲୁଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ନଂ.୫/୨୧ ରୁଜୁ କରି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା। ସେ ନୃସିଂହ ନାଥ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ କଳା ଛାତ୍ର।

# ଦର୍ଶନରୁ ବଞ୍ଚିତ ଭକ୍ତ

### ମା' ବୁଢୀ ଠାକୁରାଣୀ ଯାତ୍ରା

■ସ୍ଥାପନ ହେଲା ଧର୍ମଝଣ୍ଡା

ବ୍ରହ୍ମପୁର ଅଫିସ୍,୧୩।୪

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀ ଯାତ୍ରା ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ଧର୍ମଝଣ୍ଡା ସ୍ଥାପନ କରାଯାଇଛି। ପୂର୍ବାହ୍ନରେ ଯାତ୍ରା ପରିଚାଳକ ତଥା ଠାକୁରାଣୀଙ୍କ ବାପା ପି.ଦୂର୍ଗା ପ୍ରସାଦ ଦେଶୀ ବେହେରାଙ୍କ ପକ୍ଷରୁ ଧର୍ମଝଣ୍ଡା ନିମନ୍ତେ କମଳାବାରୀ ସାହିକୁ ବାଉଁଶ ପଠାଯାଇଥିଲା। ସେଠାରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା କଳା ଓ ନାଲି ପତାକା ବନ୍ଧା ହୋଇ ପୂଜାର୍ଚ୍ଚନା କରାଯାଇଥିଲା। ଆଜକୁ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପରମ୍ପରା ବଜାୟ ରହିଥିବା ଶ୍ରୀନିବାସ ରାଓ(କମଳାବାରୀ ସାହି ବାସିନ୍ଦା) କହିଛନ୍ତି। ପୂଜାର୍ଚ୍ଚନା ପରେ ସେଠାରୁ ଡ଼େରା ସମ୍ପ୍ରଦାୟଙ୍କ ଦ୍ୱାରା ବାଦ୍ୟ ବଜା ଯାଇ ପୋଲିସ୍ ସୁରକ୍ଷା ବଳୟ ମଧ୍ୟରେ ଦେଶୀ ବେହେରା ସାହିଠାରେ ଧର୍ମଝଣ୍ଡା ପହଞ୍ଚିଥିଲା। ଅସ୍ଥାୟୀ ମଣ୍ଡପଠାରେ ଯାତ୍ରା ପରିଚାଳକ ଦେଶୀ ବେହେରା ଓ ତାଙ୍କର ପରିବାର ବର୍ଗଙ୍କ ଦ୍ୱାରା ଧର୍ମଝଣ୍ଡାକୁ ପୂଜାର୍ଚ୍ଚନା ପରେ ଅସ୍ଥାୟୀ ସ୍ଥାପନ କରାଯାଇଥିଲା। ମା'ଙ୍କ କରୁଣା ଲାଭ ନିମନ୍ତେ ଧର୍ମଝଣ୍ଡାରେ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଥିବା ବେଳେ ଚଳିତ ଥର ଜିଲା ପ୍ରଶାସନର କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଧର୍ମଝଣ୍ଡା ନିକଟରେ ପୂଜାର୍ଚ୍ଚନାରୁ ବଞ୍ଚିତ ହୋଇଛନ୍ତି। ତେବେ ଠାକୁରାଣୀ ଯାତ୍ରାରେ ଧର୍ମଝଣ୍ଡାର ବିଶେଷ ମହତ୍ୱ ରହିଛି। ଏହି ଧର୍ମଝଣ୍ଡାରେ ନାଲି ଓ କଳା ରଙ୍ଗର ପତାକା ଲାଗିଥାଏ। ନାଲି ରଙ୍ଗର ପତାକାଟି ମା'ଙ୍କର ହୋଇଥିବା ବେଳେ କଳା ପତାକା ଗ୍ରାମ ଦେବତୀଙ୍କର ବୋଲି କୁହାଯାଏ। ଯାତ୍ରାର ପଞ୍ଚମ ଦିନରେ ହିଁ ଧର୍ମଝଣ୍ଡା ସ୍ଥାପନ ହେବାର ପରମ୍ପରା ରହିଛି। ପୂର୍ବରୁ ଅସ୍ଥାୟୀ ମଣ୍ଡପରେ ଶୁଖିଲା ଭୋଗ ପୂଜା ହେଉଥିବା ବେଳେ ଧର୍ମଝଣ୍ଡା ସ୍ଥାପନ ହେବା ପରେ ମା'ଙ୍କ ନିକଟରେ ଶୁଙ୍ଖୁଡ଼ି ଭୋଗ ଅର୍ପଣ କରାଯିବାର ପରମ୍ପରା ରହିଛି ବୋଲି ଯାତ୍ରା ପରିଚାଳକ ପି.ଦୂର୍ଗା ପ୍ରସାଦ ଦେଶୀ ବେହେରା କହିଛନ୍ତି। ଏହି ଧର୍ମଝଣ୍ଡା ସ୍ଥାପନ ହେବା ପରେ ବହୁ ଶ୍ରଦ୍ଧାଳୁ ଏହା ନିକଟରେ ପଣା ଓ ହଳଦୀ ଦେଇ ପୂଜା କରିଥାନ୍ତି। କିନ୍ତୁ ଚଳିତ ଥର କୋଭିଡ୍ ଯୋଗୁ ଭକ୍ତଙ୍କ ପକ୍ଷରୁ ପୂଜାର୍ଚ୍ଚନା ହୋଇପାରି ନାହିଁ।

ସୋମବାର ଅସ୍ଥାୟୀ ମଣ୍ଡପର ୨ ଜଣ ପୂଜକ କରୋନା ପଜିଟିଭ୍ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ଦେଶୀ ବେହେରା ସାହିରେ ମା' ଠାକୁରାଣୀଙ୍କ ଯାତ୍ରା ଶେଷ ହେବା ଯାଏ ୧୪୪ ଧାରା ଜାରି କରାଯାଇଛି। ଫଳରେ ଅସ୍ଥାୟୀ ମଣ୍ଡପରେ ସର୍ବସାଧାରଣଙ୍କ ଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଯଦ୍ୱାରା ବହୁ ଭକ୍ତ ମା'ଙ୍କ ଦର୍ଶନ ନ ପାଇ ଦୁଃଖ ପ୍ରକାଶ କରିଛନ୍ତି।



ଧର୍ମ ଝଣ୍ଡା ସ୍ଥାପନ କରାଯାଉଛି।



ଭକ୍ତଙ୍କ ଲାଗି କଟକଣା।



ଧର୍ମ ଝଣ୍ଡା ପୂଜା କରାଯାଉଛି।

## ସଂକ୍ଷେପରେ

### ଫେରାର ଗାଡ଼ିଚାଳକ ଗିରଫ

**ବ୍ରହ୍ମପୁର ଅଫିସ,୧୩।୪:** ଦୁର୍ଘଟଣା ଘଟାଇ ଫେରାର ଥିବା ଜଣେ ବାଇକ୍ ଚାଳକଙ୍କୁ ଟ୍ରାଫିକ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ଭୌରବ ପ୍ରସାଦ ସାହୁ (୪୬)। ମାମଲା ନଂ. ୧୯/୨୧ରେ ତାଙ୍କୁ ଗିରଫ କରିବା ସହ ସେ ଘଟଣାଦିନ ବ୍ୟବହାର କରିଥିବା ବାଇକ୍ ପୋଲିସ ଜବତ କରିଥିବା କହିଛି। ସୂଚନାଯୋଗ୍ୟ, ଗତ ୫ ତାରିଖ ରାତି ପ୍ରାୟ ୧୦ଟାରେ ହିଞ୍ଜିଳିକାଟୁ ଥାନା ସାରୁ ଗ୍ରାମର ଅକ୍ଷୟ କୁମାର ସାହୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘର ବ୍ରହ୍ମପୁର ଆସୁଥିଲେ। ଆସ୍କା ରୋଡ଼ ତାଲୁକା ଛକରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କାଦେଇ ଚାଲି ଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ଖବର ପାଇ ପରିବାର ଲୋକେ ଏମ୍‌କେସିଜିରେ ପହଞ୍ଚି ଅକ୍ଷୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୮ ତାରିଖ ରାତିରେ ତାଙ୍କର ବିଶାଖାପାଟଣା ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା।

### ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଚିକିଟି,୧୩।୪(ଡି.ଏନ.ଏ.):** ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ସୋରଳ ଜଙ୍କ୍ଶନ ରାସ୍ତାରେ ଥିବା କୁକୁଡା ଫାର୍ମ ନିକଟରେ ମଙ୍ଗଳବାର ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ୨ଜଣ ହେଲେ ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ପଦାଦିଗୀ ଗ୍ରାମର ରତୁପୂର୍ଣ୍ଣ ଚୌଧୁରୀ ଓ ନରସିଂହ ପାଣିଗ୍ରାହୀ । ଉଭୟେ ବାଇକ୍ ଯୋଗେ ବ୍ରହ୍ମପୁର ଯାଇଥିଲେ। ମଙ୍ଗଳବାର ଗ୍ରାମକୁ ଫେରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍(ନଂ ଟିଏନ-୫୨ ପି୫୮୨୫) କୁକୁଡା ଫାର୍ମ ନିକଟରେ ବାଇକ ସହ ମୁହାଁମୁହିଁ ଧକ୍କାହେବା ଫଳରେ ବାଇକ୍‌ର ଆଗପଟ ଭାଙ୍ଗିଯିବା ସହିତ ଉଭୟେ ରାସ୍ତାକଡକୁ ଛିଟିକିପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ବ୍ରହ୍ମପୁର ବଡ଼ମେଡିକାଲରେ ଭର୍ତ୍ତି କରିଥିଲେ।

### ୫-ଟି ମାନ୍ୟତା ସର୍ତ୍ତ ପୂରଣ କଲା ବଂଶଧାରା ହାଇସ୍କୁଲ

**କାଶୀନଗର,୧୩।୪:** ଗଜପତି ଜିଲା କାଶୀନଗର ବ୍ଲକ ଖାଣ୍ଡବା ପଞ୍ଚାୟତରେ ଥିବା ବଂଶଧାରା ହାଇସ୍କୁଲ ୫ଟି ମାନ୍ୟତା ପାଇବାର ସର୍ତ୍ତ ପୂରଣ କ୍ଷେତ୍ରରେ ପ୍ରଥମ ଶିକ୍ଷାନୁଷ୍ଠାନ ହେବାର ଗୌରବ ଅର୍ଜନ କରିଛି। ସରପଞ୍ଚ ଜଗନ୍ନାଥ ଦୋରା ପଞ୍ଚାୟତ ତରଫରୁ ବିଦ୍ୟାଳୟକୁ ୧୫ ଲକ୍ଷ ଟଙ୍କା ଦେବା ପରେ ସରକାର ୩୦ ଲକ୍ଷ ଟଙ୍କା ଦେବେ ଓ ମୋଟ ୪୫ ଲକ୍ଷ ଟଙ୍କାରେ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯିବ। ଉକ୍ତ ଅର୍ଥରେ ସ୍କୁଲର ଅବଶିଷ୍ଟ ବିଦ୍ୟୁତୀକରଣ, ଶ୍ରେଣୀଗୃହ ଓ ବାଉଣ୍ଡରି ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ୧୨ ତାରିଖରେ ବିଡିଓ ସୀମାଞ୍ଚଳ ମହାନ୍ତି, ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ନାରାୟଣ ପାଢ଼ୀ ପ୍ରମୁଖ ସ୍କୁଲକୁ ଯାଇ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ।

## ପ୍ରକୃତି କୋଳରେ ଫୁଲବାଣୀ ନେଚର ରିଟ୍ରିଟ୍



**ଫୁଲବାଣୀ ଅଫିସ, ୧୩।୪:** ପ୍ରକୃତିର ଗନ୍ତାଘର କନ୍ଧମାଳ ଜିଲା । ଜିଲାରେ ପର୍ଯ୍ୟଟନ କ୍ଷେତ୍ର ବହୁତ ରହିଛି। ପର୍ଯ୍ୟଟକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଜଣେ ଯୁବ ଉଦ୍ୟୋଗୀ ପ୍ରକୃତି କୋଳରେ ସ୍ଥାପନ କରିଛନ୍ତି ନେଚର ରିଟ୍ରିଟ୍। ଏଠାରେ ପର୍ଯ୍ୟଟକଙ୍କ ରହିବା ଲାଗି ରହିଛି ଶୀତତାପ ନିୟନ୍ତ୍ରିତ ତମ୍ବୁଘର । ସ୍ୱାଦିଷ୍ଟ ଖାଦ୍ୟ ବି ଉପଲବ୍ଧ ହେଉଛି । ଗତ ପର୍ଯ୍ୟଟନ ଋତୁରୁ ପର୍ଯ୍ୟଟକମାନେ ଏହି ନେଚର ରିଟ୍ରିଟ୍‌କୁ ଆସି ଏକ ନୂଆ ଅନୁଭୂତି ନେଇ ଫେରିଛନ୍ତି। ଫୁଲବାଣୀ ସହରର ପାଖ ଗୁଦାରୀ ନିକଟରେ ପର୍ଯ୍ୟଟକଙ୍କୁ ସବୁ ସୁବିଧା ଦେବା ଲାଗି ଏମିତି ଏକ ପରିକଳ୍ପନା କରି ଗଢ଼ି ଉଠିଛି ଫୁଲବାଣୀ ନେଚର ରିଟ୍ରିଟ୍। ଫୁଲବାଣୀର ରାଜେନ୍ଦ୍ର ପାଢ଼ୀ ବ୍ୟାଙ୍କର ଉଚ୍ଚ ପଦବୀ ଚାକିରି ଛାଡ଼ି ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟରେ ଯୁବ ଉଦ୍ୟୋଗୀ ହେବା ସହ ଅନ୍ୟଙ୍କୁ ରୋଜଗାର ଯୋଗାଇଛନ୍ତି । E-mail: www.phulbaninatireretreat.com/phulbaninatureretreat11@gmail.comରେ ଯୋଗାଯୋଗ କରିପାରିବେ ।

## ବ୍ରହ୍ମପୁର ମହାନଗରରେ ୨୦ କରୋନା ପଜିଟିଭ୍

ବ୍ରହ୍ମପୁର ଅଫିସ୍,୧୩।୪

ବ୍ରହ୍ମପୁର ମହାନଗରରେ ମଙ୍ଗଳବାର ପୁଣି ୨୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରୁ ଗେଟ୍‌ବଜାର ଅଞ୍ଚଳର ଜଣେ ପୁରୁଷ, ଆଙ୍କୁଲି ଅଞ୍ଚଳର ଜଣେ ପୁରୁଷ, ଅନ୍ନପୂର୍ଣ୍ଣାନଗର ୫ମ ଲାଇନ୍‌ର ୨ ଜଣ ପୁରୁଷ, ବାବାଜିତୋଟା ସାହିରେ ଜଣେ ପୁରୁଷ, ବ୍ରହ୍ମାନଗରରେ ୨ ଜଣ ପୁରୁଷ, ଗଣପତିନଗର ଓ ଗାନ୍ଧୀନଗରରେ ୩ ଜଣ ମହିଳା, ହାଉସିଂ ବୋର୍ଡ଼ରେ ଜଣେ ପୁରୁଷ, ମଙ୍ଗଳବାର ପେଟା ସାହିରେ ଜଣେ ପୁରୁଷ ଓ ଜଣେ ମହିଳା, ନିଗମ ନଗରରେ ଜଣେ ମହିଳା, ପାଣିଗ୍ରାହୀ ପେଣ୍ଠ ସାହିରେ ଜଣେ ପୁରୁଷ, ଶାସ୍ତ୍ରୀ ନଗରରେ ଜଣେ ପୁରୁଷ, ସୋମନାଥ ନଗରରେ ଜଣେ ପୁରୁଷ, ସୁରଜ ବିହାରରେ ଜଣେ ପୁରୁଷ, ସୂର୍ଯ୍ୟ ନଗରରେ ଜଣେ ମହିଳା ଓ ଜଣେ ପୁରୁଷ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପ୍ରକାଶ ଯେ, ସୋମବାର ମହାନଗରରେ ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ମହାନଗରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କରୋନା ସଚେତନତା କରାଯାଇଛି। ସହରର ମୁଖ୍ୟ ଛକ ଗୁଡ଼ିକରେ ବିଏମ୍‌ସି ପକ୍ଷରୁ କୋଭିଡ୍ ନିୟମ ମାନିବା ଓ ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା ଆଦାୟ କରାଯିବା ନେଇ ପ୍ରଚାର କରାଯାଇଛି।

## ମୃତ ଛାତ୍ରୀଙ୍କ ପରିବାରକୁ ସହାୟତା

ଗୋପାଳପୁର,୧୩।୪

ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ଗ୍ରାମର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ସ୍ୱାତୀ ସାହୁ ସୋମବାର ପୋଡିହୋଇ ମୃତ୍ୟୁ ଘଟିଥିଲା। ଉକ୍ତ ପରିବାରକୁ ଗଞ୍ଜାମ ଜିଲା ଗୁରୁ ଛାତ୍ର କଲ୍ୟାଣ ପାଣ୍ଠି ତରଫରୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର, ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ରଥ, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ସେନାପତି, ସିଆରସିସି ସୁଧାଂଶୁ ଦଳେଇ ଓ ଅନ୍ୟ ଶିକ୍ଷୟିତ୍ରୀମାନେ ମୃତ ସ୍ୱାତୀଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଗୁରୁ ଛାତ୍ର କଲ୍ୟାଣ ପାଣ୍ଠିରୁ ୧୦ ହଜାର ଟଙ୍କା ମୃତକଙ୍କ ମା'ଙ୍କୁ ପ୍ରଦାନ କରିଥିଲେ। ସେହିପରି ସରପଞ୍ଚ, ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଉକ୍ତ ପରିବାରକୁ ସହାୟତା କରିଥିଲେ।



ଛାତ୍ରୀଙ୍କ ମା'ଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଲେ ଚାଷୀ

### ଦୁର୍ଗାଘାଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପରିବର୍ତ୍ତନ ଦାବି

ଛତ୍ରପୁର,୧୩।୪(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ କୁମାରବେଗପଲ୍ଲୀ, ହୁମ୍ମର, ପୋଡାପଦର ଗାଁର ଚାଷୀ ଚାଷକାର୍ଯ୍ୟ ପାଇଁ ଦୁର୍ଗା ଘାଇ ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରଥାନ୍ତି। ଉକ୍ତ ଅଞ୍ଚଳର ୧ ହଜାର ଏକର ଜମିକୁ ଏହା ଜଳ ସେଚିତ କରିଥାଏ। ୨ ବର୍ଷ ପୂର୍ବେ ଓଡିଶା ସରକାର ଓ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଗାଁ ଚାଷଜମିକୁ ବୁଲି ତଦାରଖ କରିଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚ ପୀତାମ୍ବର ପଣ୍ଡାଙ୍କ ଉପସ୍ଥିତିରେ ଏକ ବୈଠକ କରି ଉକ୍ତ ଟିମ୍ ସ୍ଥାନୀୟ ଚାଷୀମାନଙ୍କ ପ୍ରମୁଖ ସମସ୍ୟା ସମ୍ପର୍କରେ ବୁଝିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାଙ୍କ ସହାୟତାରେ ଓଡିଶା ସରକାର ଓଆଇଆଇପିସିଆରଏ ଯୋଜାନରେ ଏକ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରୁଛନ୍ତି । ଏଥିପାଇଁ ଉକ୍ତ ଯୋଜନାରେ ଏକ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ମାତ୍ର ତାହା ସମ୍ପୂର୍ଣ୍ଣ ରୂପେ ଚାଷୀମାନଙ୍କ ଉପଯୋଗୀ ନହେଁ ବୋଲି ପୋଡାପଦର ଚାଷୀମାନେ କହିଛନ୍ତି । ଉକ୍ତ ପଞ୍ଚାୟତ ସବୁବେଳେ ବନ୍ୟା ପ୍ରଭାବିତ। ଦୁର୍ଗା ଘାଇ ଓ ମଧୁବନ ନାଳ ହିଁ ଚାଷୀମାନଙ୍କର ଏକମାତ୍ର ଭରସା ବୋଲି ସେମାନେ କହିଛନ୍ତି । ଚାଷୀଙ୍କର ଆବଶ୍ୟକ ଅନୁଯାୟୀ କାର୍ଯ୍ୟ କରିବା ଏବଂ ଏ ସମ୍ପର୍କୀତ ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ମଙ୍ଗଳବାର ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡାଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଦେଇଛନ୍ତି । ଦାବି ଗୁଡିକ ମଧ୍ୟରେ କାଡା କେନାଲରୁ କିଛି ଅଂଶକୁ ହ୍ରାସ କରି ସମୁଦାୟ ୫ କି.ମି. ମଧ୍ୟରେ ସିମୀତ ରଖିବା, ଦୁର୍ଗା ଘାଇଠାରୁ ହଳଦିଗଣ୍ଡି ନାଳ ପର୍ଯ୍ୟନ୍ତ ବନ୍ୟାଜଳ ନିଷ୍କାସନ ପାଇଁ ବିସ୍ତୃତ ନାଳ ନିର୍ମାଣ, ମଧୁବନ ନାଳର ପୁନରୁଦ୍ଧାର, ହଳଦିଗଣ୍ଡି ନାଳ ଶଙ୍ଖ ଭାଙ୍ଗି ନୂତନ କଲଭର୍ଟ ନିର୍ମାଣ, ଦୁର୍ଗାଘାଇ ପାର୍ଶ୍ୱସ୍ଥ ଆଡିବନ୍ଧକୁ ପଥର ଦ୍ୱାରା ସୁଦୃଢୀକରଣ, ବୃକ୍ଷରୋପଣ ଓ ମାଛ ଚାଷ ପାଇଁ ପଦକ୍ଷେପ, ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବା ଆଦି ରହିଛି। ଚାଷୀଙ୍କ ହିତ ଦୃଷ୍ଟିରୁ ଏହା ଉପରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଚାଷୀମାନେ ଅନୁରୋଧ କରିଛନ୍ତି ।

## କ୍ରିକେଟ ଟୁର୍ନାମେଣ୍ଟ, କୈରାଶୀ ଚାମ୍ପିୟନ

ରମ୍ଭା,୧୩।୪

ଗଞ୍ଜାମ ବ୍ଲକ ଡ଼ିଆଁଡେଇଁ ସାଇ ବାବା କ୍ଲବ ଆନୁକୂଲ୍ୟରେ ଧନେଶ୍ୱର ଓ ଅନାଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ହିଟ ଆଣ୍ଡ ହଟ ଷ୍ଟାଡିୟମରେ ଆୟୋଜିତ ଫାଇନାଲ ମ୍ୟାଚରେ ରମ୍ଭା ଇଲେଭେନ ଷ୍ଟାର ବନାମ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ କୈରାଶୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରମ୍ଭା ଇଲେଭେନ ଷ୍ଟାର ୧୦ ଓଭରରେ ୩୯ ରନ କରିଥିଲା। ଜବାବରେ ନୀଳକଣ୍ଠେଶ୍ୱର କ୍ରିକେଟ ଟିମ୍ ୧୦ ଉଇକେଟ ବିନିମୟରେ ଚାମ୍ପିୟନ ହୋଇଛି। ଧାରା ବିବରଣୀ ଦେଇଥିଲେ ବସନ୍ତ କୁମାର ନାହାକ ଓ ପବିତ୍ର କୁମାର ଦାସ। ମ୍ୟାନ ଅଫ ଦି ସିରିଜ ଭାବେ ବିକ୍ରମ କୁମାର ପ୍ରଧାନ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ସମୀର ପରିଡା ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ କୁମାର ନାହାକ, ଭିକାରି ଚରଣ ଦାସ, କାଶୀନାଥ ଦାସ, ପ୍ରସନ୍ନ କୁମାର ନାହାକ, ବସନ୍ତ କୁମାର ନାହାକ ସାମ୍ମାନିତ ଅତିଥି ଗାନ୍ଧୀ ଚରଣ ନାହାକ, ପବିତ୍ର କୁମାର ଦାସ ଓ ଭ୍ରମର କୁମାର ଦାସ ମଞ୍ଚାସୀନ ଥିଲେ।

## କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୧୩।୪

ଗଞ୍ଜାମ ବଡ଼ି ବଲ୍ଡିଂ ଆସୋସିଏଶନ ପକ୍ଷରୁ ମିଷ୍ଟର ଓଡ଼ିଶା-୨୦୨୧ର ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଆଇନଜୀବୀ ପ୍ରିନ୍ସ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କୋଚ୍ କିଶୋର ଚନ୍ଦ୍ର ବିଷୋୟୀ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ପାଇଁ ଉତ୍ସାହିତ କରିଥିଲେ। ୨୦୨୧- ମିଷ୍ଟର ଓଡ଼ିଶା ରନର୍ସଅପ୍ ବିବେଚିତ ବିରଜା ପ୍ରସାଦ ଦାସ, ୫୫ କେଜି ବର୍ଗ ମେନ୍ସଫିଜିକ୍ସ ବିଜୟୀ ଚନ୍ଦନ ପାଣିଗ୍ରାହୀ, ସମୀର ମହାରଣା,ସୁନୀଲ ସେଠୀ, ମହେଶ୍ୱର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଏସ୍.ଧର୍ମା ଆଚରୀ, ଏସ୍.ବିନୋଦ ଆଚାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗଜପତିରେ ୧୬ ପଜିଟିଭ ଚିହ୍ନଟ

**ପାରଳାଖେମୁଣ୍ଡି, ୧୩।୪ (ଡି.ଏନ୍.ଏ.)**

ଗଜପତି ଜିଲାରେ ମଙ୍ଗଳବାର ପୁଣି ୧୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପାରଳାଖେମୁଣ୍ଡି ସହରରୁ ୧୨, ଗୋଷାଣି ବ୍ଲକରୁ ୩, ପାରଳାଖେମୁଣ୍ଡି ସହର ସୀମାନ୍ତ ଗ୍ରାମ ପୁରୁଣାପାଟଣା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୪୧୪୧ରେ ପହଞ୍ଚିଛି। ଏହି ଦ୍ୱିତୀୟ ଲହର କରୋନାରେ ଆକ୍ରାନ୍ତ ସଂଖ୍ୟା ୫୨ରେ ପହଞ୍ଚିଛି । ସମସ୍ତ ଆକ୍ରାନ୍ତଙ୍କୁ ହୋମ ଆଇସୋଲେଶନରେ ରଖାଯାଇଛି।



ଶୋଭାଯାତ୍ରାରେ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍ ଓ ଅଧିକାରୀ।

## ପ୍ଲାଷ୍ଟିକ୍ ବିରୋଧରେ ସଚେତନତା ସଭା, ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ୍,୧୩।୪

ବ୍ରହ୍ମପୁର ସିଟି ହାଇସ୍କୁଲ ଓ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) କ୍ୟାଡେଟ୍‌ଙ୍କ ଦ୍ୱାରା ମଙ୍ଗଳବାର ପ୍ଲାଷ୍ଟିକ୍ ବିରୋଧରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝି ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କ୍ୟାଡେଟ୍‌ମାନେ ସିଟି ହାଇସ୍କୁଲ ରୋଡ଼, ସାନ ବଜାର ଓ କାଳିକା ଦେଉଳ ଅଞ୍ଚଳ ପରିଦର୍ଶନ କରି ଦୋକାନୀ ଏବଂ ଜନସାଧାରଣଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ। ଏଥିରେ ବ୍ରହ୍ମପୁର ଏନ୍‌ସିସି ୟୁନିଟ୍‌ର ମିଲିଟାରୀ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିନିୟର୍ ଡିଭିଜନ୍ ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ଜାଲିଆନାୱାଗ୍ ଗଣହତ୍ୟାକୁ ନିନ୍ଦା କରି ଏକ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ମେଜର୍ ଏସ୍. ପି. ଅଧିକାରୀ, ଲ୍ୟୁଟ୍‌ନାଣ୍ଟ ଯତୀନ ବିଶୋୟୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସିଟି ହାଇସ୍କୁଲର ଏନ୍‌ସିସି ଚିଫ୍ ଅଫିସର୍ ଗୋପାଳ କୃଷ୍ଣ ମିଶ୍ର ଓ ନୀଳକଣ୍ଠନଗରର ଶାନ୍ତନୁ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅପରାହ୍ନରେ ଖୋଲୁନି ଆଉଟଡୋର

### ଗଞ୍ଜାମ ଜିଲା ସିଟି ହସ୍ପିଟାଲ

ବ୍ରହ୍ମପୁର ଅଫିସ,୧୩।୪

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବ୍ରହ୍ମପୁର ସିଟି ହସ୍ପିଟାଲରେ ଆଉଟଡୋର ସେବା ଯୋଗାଇ ଦିଆଯାଉନାହିଁ। ଯାହାକି ସରକାରଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ହେଉଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଏହି ସିଟି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ଏଣୁ ଦୁଇବେଳା ଆଉଟଡୋର ଖୋଲିବା ସହ ରୋଗୀଙ୍କ ଚିକିତ୍ସା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ହେଲେ ଦିନକୁ ଦୁଇବେଳା ଆଉଟଡୋର ଖୋଲିବା ବଦଳରେ କେବଳ ସକାଳେ ଖୋଲାଯାଉଛି। ଏହି ମନମୁଖି କାର୍ଯ୍ୟ ଆଜି କି କାଲି ନୁହଁ ବର୍ଷ ବର୍ଷ ଧରି ଚାଲୁରହିଛି। ରାଜ୍ୟରେ ୫-ଟି ଲାଗୁ ହେବା ପରେ ଛୋଟ ହସ୍ପିଟାଲରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନ୍ୟପଟେ ସିଟି ହସ୍ପିଟାଲରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ (ଏମ୍‌କେସିଜି) ପରେ ଜିଲାର ପ୍ରମୁଖ ହସ୍ପିଟାଲ ଭାବେ ସିଟି ହସ୍ପିଟାଲରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ରାଜ୍ୟ ସରକାର ବିଭିନ୍ନ ସମୟରେ ପଦକ୍ଷେପ ନେଉଛନ୍ତି। ଗତ କିଛି ବର୍ଷ ଭିତରେ ହସ୍ପିଟାଲରେ ଭିତ୍ତିଭୂମି ବିକାଶ ହୋଇଛି। ହେଲେ ଡାକ୍ତର ତଥା ହସ୍ପିଟାଲ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ଅବହେଳାରୁ ରୋଗୀଙ୍କୁ ଠିକ୍ ସମୟରେ ସେବା ମିଳିପାରୁନାହିଁ। ସରକାରୀ ନିୟମାନୁସାରେ ସିଟି ହସ୍ପିଟାଲରେ ଥିବା ସମସ୍ତ ବିଭାଗରେ ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଆଉଟଡୋର ସେବା ପ୍ରଦାନ କରାଯିବ। ସେହିପରି ଅପରାହ୍ନ ୩ଟାରୁ ୫ଟା ଯାଏ ଆଉଟଡୋର ସେବା ପ୍ରଦାନ କରାଯିବ। ତେବେ ଖରାଦିନେ ଅର୍ଥାତ ଏପ୍ରିଲରୁ ସେପ୍ଟେମ୍ବର ଯାଏ ସକାଳ ୮ଟାରୁ ୧୨ ଟା ଓ ଅପରାହ୍ନରେ ୪ଟା ରୁ ୬ଟା ଯାଏ ଆଉଟଡୋର ସେବା ପ୍ରଦାନ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଏହି ହସ୍ପିଟାଲରେ ଅନେକ ବର୍ଷ ହେବ କେବଳ ସକାଳ ୮ଟାରୁ ୧୨ ଟା ଯାଏ ହିଁ ଆଉଟଡୋର ସେବା ମିଳୁଛି। ଅପରାହ୍ନରେ ଆଉଟଡୋର ସେବା ଅଘୋଷିତ ଭାବେ ବନ୍ଦ ରହିଛି। ଏନେଇ ସିଟି ହସ୍ପିଟାଲ ଅଧୀକ୍ଷକ ଡା. ବିଶ୍ୱମ୍ବର ବେହେରା କୁହନ୍ତି, ଅପରାହ୍ନ ୪ଟାରୁ ୬ଟା ଆଉଟଡୋର ଖୋଲିବା ପାଇଁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଅନୁଷ୍ଠିତ ବୈଠକରେ ଏହା କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କୁ କୁହାଯାଇଛି। ଏହାସତ୍ତ୍ୱେ ମଧ୍ୟ ବିଭାଗୀୟ ଡାକ୍ତରମାନେ ନିର୍ଦ୍ଦେଶକୁ ଅବମାନନା କରୁଥିବା ସେ କହିଛନ୍ତି।




ଅପରାହ୍ନରେ ସିଟି ହସ୍ପିଟାଲ ଆଉଟଡୋର ସେବା କେନ୍ଦ୍ରରେ ଝୁଲୁଛି ତାଲା ।

**କରୋନା ଟିକାକରଣ ବନ୍ଦ**

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ତେବେ ଟିକା ଅଭାବ କାରଣରୁ ନୟାଗଡ଼ ଜିଲାରେ କରୋନା ଟିକାକରଣ ମଙ୍ଗଳବାର ଠାରୁ ବନ୍ଦ ହୋଇଛି । ଏହା ଜଣାପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଆଜି କ'ଣ କେଉଁଠି

**ଖଣ୍ଡପଡ଼ା**

- ମହାବୀର ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା । ସ୍ଥାନ- ମହାବୀର ମନ୍ଦିର, ବଡ଼ବାଣପୁର ଗ୍ରାମ, ସମୟ-ପୂର୍ବାହ୍ନ ୧୦.୩୦ ।
- ନୂତନ ହନୁମାନ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ । ସ୍ଥାନ-ଭାପୁର ବ୍ଲକ୍ ଅଧୀନ ପଥରଚକଡା ନୂଆସାହି, ସମୟ ପୂର୍ବାହ୍ନ ୮ଟା ।
- ମହାବୀର ଜୀଉଙ୍କ ବିଷୁବ ମିଳନ, ସ୍ଥାନ- ଶ୍ରୀ ନୀଳମାଧବ ପୀଠ, କଣ୍ଟିଲୋ । ସମୟ ପୂର୍ବାହ୍ନ ୬.୩୦ ।

**ନୟାଗଡ଼**

- ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ- ବଂଶୀଧର ମହାବିଦ୍ୟାଳୟ ଇଟାମାଟି, ସମୟ- ପୂର୍ବାହ୍ନ ୧୦ ଘଟିକା
- ନୂଆ ବର୍ଷକୁ ସ୍ୱାଗତ ଅବସରରେ କରୋନା ସଚେତନତା କବିତା ଆସର, ସ୍ଥାନ-ଆଶ୍ରୟ ସମ୍ମିଳନୀ କକ୍ଷ ଶରଣକୁଳ, ସମୟ- ଅପରାହ୍ନ ୪ଟା ।
- ପଣାସଂକ୍ରାନ୍ତି ଯାତ୍ରା, ଅବକାଶ ନୀତି, ସ୍ଥାନ-ଦକ୍ଷିଣକାଳୀଙ୍କ ପୀଠ, ସମୟ-ଭୋର ସାଢ଼େ ୪ଟା ।

**ଓଡ଼ଗାଁ**

- ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଅବସରରେ କଳସ ଯାତ୍ରା, ସ୍ଥାନ- ଗୁଣ୍ଡୁସାହି ବଜରଙ୍ଗବାଲୀଙ୍କ ପୀଠ, ସମୟ-ପୂର୍ବାହ୍ନ ୯ ଟା ।

# ନୟାଗଡ଼ରେ ଜଳକଷ୍ଟ



ମହିଳାମାନେ ଏକ ନାଳରୁ ପାଣି ସଂଗ୍ରହ କରୁଛନ୍ତି ।

## ୭ ବର୍ଷ ପରେ ବି ପ୍ରକଳ୍ପ କାମ ସରିଲାନାହିଁ

**ନୟାଗଡ଼ ଅଫିସ,୧୩।୪**

ନୟାଗଡ଼ ଜିଲାର ବିଭିନ୍ନ ଗାଁରେ ପାନୀୟ ଜଳ ସଙ୍କଟ ଗୁରୁତର ହୋଇଛି । ନୟାଗଡ଼ ବ୍ଲକର ବିଭିନ୍ନ ଗାଁରେ ଗତ ୫ ବର୍ଷ ହେବ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ହେଲେ ଆଜି ପର୍ଯ୍ୟନ୍ତ ସେହି କାମ ଶେଷ ହେଉନାହିଁ । ଫଳରେ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସିପାହି ଅସୁରଡ଼ିପାରେ ଗତ ୭ ବର୍ଷ ହେବ ପ୍ରକଳ୍ପ ନିର୍ମାଣ ଚାଲିଛି। ଏଥିପାଇଁ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ତଥାପି ଗାଁକୁ ପାନୀୟ ଜଳ ଯୋଗାଣ ହୋଇନାହିଁ। ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ନଳକୂପରୁ ଆବଶ୍ୟକ ଅନୁଯାୟୀ ପାଣି ବାହାରୁ ନାହିଁ । କୂଅ, ପୋଖରୀ ଶୁଖିବା ଆରମ୍ଭ ହେଲାଣି। ସେହିଭଳି ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ପାନୀୟଜଳ ପ୍ରକଳ୍ପର କାମ ଶେଷ ହେଉନାହିଁ। ଏହି ପ୍ରକଳ୍ପ ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ, ଲୋକେ ହାତପାହାନ୍ତାରେ ପାଣି ପାଇବେ ସେହି ଆଶାରେ ଗତ ୫ ବର୍ଷ ହେଲା ଲୋକେ ଚାତକ ପରି ଚାହିଁ ରହିଛନ୍ତି।

### ନଦୀ ପାଖରେ ଜଳସଙ୍କଟ

ଓଡ଼ଗାଁ ବ୍ଲକ ଡିମିଶର ପଞ୍ଚାୟତର ଏକାଧିକ ଗାଁ ଦୁଆଣ୍ଟ ନଦୀ ପାଖରେ ରହିଛି। ହେଲେ ସେଠାରେ ବି ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ଉକ୍ତ ପଞ୍ଚାୟତରେ ରହିଛି ୧୭ଟି ୱାର୍ଡ। ସେଥିମଧ୍ୟରୁ ୧, ୨, ୩, ୪ ଓ ୫ ନଂ. ୱାର୍ଡ ହରିପୁରରେ ରହିଛି। ସେହି ଗାଁ ପାଇଁ ଏକ ପାନୀୟ ଜଳ ପ୍ରକଳ୍ପ ଗତ ୪ ବର୍ଷ ତଳେ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଗାଁର ଲୋକମାନେ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ସେହିପରି ଉକ୍ତ ପଞ୍ଚାୟତର ଡିମିଶର ଗାଁରେ ରହିଛି ଏକ ପାନୀୟ ଜଳ ପ୍ରକଳ୍ପ। ସେହି ପ୍ରକଳ୍ପର ପାଣି ୧୫, ୧୬ ଓ ୧୭ ନଂ. ୱାର୍ଡକୁ ଆସୁନାହିଁ। ଏହି ୱାର୍ଡବାସୀ କିପରି ପାଣି ପାଇବେ ସେ ସଂକ୍ରାନ୍ତରେ କୌଣସି ବ୍ୟବସ୍ଥା କରାଯାଉନାହିଁ। ସୋଲାର ପଏଣ୍ଟ ଦ୍ୱାରା ସେହି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ରଣପୁର ବିଧାୟକଙ୍କୁ ଅବଗତ କରାଇଛନ୍ତି । ସେହିପରି ହରିହରପୁର ପଞ୍ଚାୟତରେ ରହିଛି ପାନୀୟ ଜଳ ପ୍ରକଳ୍ପ। କିନ୍ତୁ କରଡା ରଘୁନାଥପୁର ବ୍ରାହ୍ମଣ ଶାସନକୁ ପାଣି ଯାଉ ନାହିଁ। ବାଟରେ ମୋଟର ଲଗାଇ କେତେଜଣ ବ୍ୟକ୍ତି ପାଣି ଚୋରି କରୁଥିବା ଅଭିଯୋଗ ହେଉଛି। ଫଳରେ ଉକ୍ତ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଅଧିକାଂଶ ପରିବାର ପାଣି ବାଲ୍‌ଟିଏ ପାଇଁ ହଟହଟା ହେଉଛନ୍ତି।



ଏକ ପାନୀୟ ଜଳ ପ୍ରକଳ୍ପ ନିକଟରେ ପାଣି ପାଇଁ ମହିଳାଙ୍କ ଭିଡ଼ ।

### ପାଣି ପାଇଁ ନାଳ ଭରସା

ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତ ଗୁଡୁରିସାହି ଓ ଉଷାସିଙ୍ଗ ଗାଁରେ ନଳକୂପ ଅଚଳ। କୂଅରେ ପାଣି ନାହିଁ । ଅଚଳ ନଳକୂପର ମରାମତି କରାଯାଉନାହିଁ । ସ୍ଥାନୀୟ ମହିଳାମାନେ ଅଧ କିଲୋମିଟର ଦୂର ଏକ ନାଳକୁ ଯାଇ ପାଣି ଆଣୁଛନ୍ତି। ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରାଯାଉଛି । ଅଧିକାଂଶ ସମୟରେ ମହିଳାମାନେ ନାଳରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ହେଲେ ଉକ୍ତ ଗାଁରେ ବସବାସ କରୁଥିବା ଆଦିବାସୀଙ୍କ ଜଳକଷ୍ଟ ଚିନ୍ତାର ବିଷୟ ହୋଇଛି ।

### ଅଭିଶପ୍ତ ଜୀବନ

ନୂଆଗାଁ ବ୍ଲକ ଅଞ୍ଚଳରେ ପାଣି ପାଇଁ ଲୋକେ ଅଭିଶପ୍ତ ଜୀବନ ବିତାଉଛନ୍ତି। ପାରାଡ଼ିପି ପଞ୍ଚାୟତର ମସ୍କାବାରି, ବଇଣ୍ଡା, ଡିପିସାହି, କଣିକିଆରି ପରି ଗାଁରେ ପାନୀୟ ଜଳ ପ୍ରକଳ୍ପ ନାହିଁ। ସେଠାକାର ଲୋକେ ନଳକୂପ ଉପରେ ନିର୍ଭର କରିଛନ୍ତି। କେଉଁ ନଳକୂପରୁ ଅଳ୍ପ ପାଣି ବାହାରୁଛି ତ ଆଉ କେଉଁ ନଳକୂପ ଅଚଳ ରହିଛି। କୂଅ ଶୁଖିଲା ପଡିଛି। ସୋରଡା ପଞ୍ଚାୟତ ଅଞ୍ଚଳରେ ପ୍ରକଳ୍ପ ସଚଳ ରହିଛି। ହେଲେ ବିଭିନ୍ନ ସ୍ଥାନରେ ମୋଟର ଲଗାଇ ପାଣି ଚୋରି କରାଯାଉଥିବାରୁ ତଳସ୍ତରର ଲୋକେ ପାଣି ପାଉ ନାହାନ୍ତି। ସେହିପରି କେତେକ ସ୍ଥାନରେ ପାଇପ ଲାଇନ ବାରମ୍ବାର ପରିବର୍ତ୍ତନ ପରେ ବି ପାଣି ଆସୁନାହିଁ। କୋରଡା ପଞ୍ଚାୟତରେ ପ୍ରକଳ୍ପ ସଚଳ ଥାଇ ଲୋକେ ପ୍ରାୟ ୭ମାସ ହେଲା ପାଣି ପାଉ ନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । କାପ୍ତାପଲ୍ଲୀରେ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଆମ୍ବଝରୀ ଗାଁକୁ ପାଇପ ଲାଇନ୍ ୨ଥର ପଡି ସାରିଲାଣି। ହେଲେ ନୂଆଗାଁ ପ୍ରକଳ୍ପରୁ ପାଣି ସଂପୃକ୍ତ ଗାଁକୁ ଯାଇ ପାରୁନାହିଁ ।

### ନଳକୂପରେ ପାଣି ନାହିଁ

ଜଳସ୍ତର ହ୍ରାସ ଯୋଗୁ ଗଣିଆ ବ୍ଲକ ଅଞ୍ଚଳର ଆଦିବାସୀ ଗାଁଗୁଡ଼ିକରେ ପାଣି ପାଇଁ ହାହାକାର ପଡିଛି। ଗାଁରେ ନଳକୂପ ଥିଲେ ମଧ୍ୟ ପାଣି ବାହାରୁ ନାହିଁ। ବ୍ଲକର ଛାମୁଣ୍ଡିଆ ପଞ୍ଚାୟତର ହରିପୁର, ମହନାପଦା, ଗୋପୀନାଥପୁର ଓ ବେଠିଆସାହିରେ ପାଣି ସମସ୍ୟା ଲାଗି ରହିଛି। ସେହିପରି ବଡସିଲିଙ୍ଗା ପଞ୍ଚାୟତର ସେନେପେରୀ, ଗୋଛାବାରୀ, ଜାନକାଝୋଲା, ଏଡେଇ, ଟୋଲକପାଟିଆ, ବାଙ୍କଝରୀ, ଡିପିସାହି, ଡୁଇସିଙ୍ଗ ପରି ଗାଁରେ ପାଣି ନାହିଁ। ଉପରୋକ୍ତ ଗାଁରେ ପାନୀୟଜଳ ପ୍ରକଳ୍ପ ନ ଥିବାବେଳେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ପଡ଼ିଛି। ସ୍ଥାନୀୟ ଲୋକେ ନାଳ, ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି ।

# ଜଳ ସଙ୍କଟ: ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

**ଓଡ଼ଗାଁ, ୧୩।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଏନଏସିର ବିଭିନ୍ନ ୱାର୍ଡରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ବିଶେଷତଃ ଏନଏସି ଅଧୀନ ବିଜୟମଣ୍ଡପ ସାହି, ଗୋଡି ସାହି, ଗାନ୍ଧୀନଗରସାହି ସମେତ ଦଳକ ମୌଜାରେ ଜଳ ସଙ୍କଟ ଗୁରୁତର ହୋଇଛି । ଏସବୁ ସାହିରେ ଭୂତଳ ଜଳସ୍ତର ଆଶାତୀତ ହ୍ରାସ ପାଇଥିବାରୁ ସମସ୍ତ କୂଅ ଏପରିକି ବୋରିଂ ୱେଲ ଶୁଖିଲାଣି । ଏପରି ସ୍ଥଳେ ଏନଏସି ତରଫରୁ ଦୁଇଟି ଟ୍ୟାଙ୍କର ଦ୍ୱାରା ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ହେଲେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ଲକ କଂଗ୍ରେସ ତରଫରୁ ମଙ୍ଗଳବାର ଏନଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କୁ ପାନୀୟ ଜଳ ଯୋଗାଣକୁ ଅବ୍ୟାହତ ରଖିବା, ଅଚଳ ନଳକୂପକୁ ସଚଳ କରିବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିପାଇଁ ଗତ ୧୭ ବର୍ଷ ହେଲା ଶାସନରେ ଥିବା ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଦାୟୀ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ତୁରନ୍ତ ପାନୀୟ ଜଳ ଯୋଗାଣକୁ ସ୍ୱାଭାବିକ କରା ନ ଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ତଥା ଜିଲା ସଭାପତି ରଣଜିତ୍ ଦାଶ ସୂଚନା ଦେଇଛନ୍ତି । ଏନେଇ ନିର୍ବାହୀ ଅଧିକାରୀ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଦୈନିକ ୨ ଟ୍ୟାଙ୍କର ଦ୍ୱାରା ୨୦ ହଜାର ଲିଟର ପାନୀୟ ଜଳ ଯୋଗାଣ ହେଉଛି । ଗୋଡି ସାହି ଓ ବିଜୟମଣ୍ଡପ ସାହିରେ ୨ ପାଣି ଟାଙ୍କି ରଖା ଯାଇଛି । ପାନୀୟ ଜଳ ନିମନ୍ତେ ଆବଶ୍ୟକ ଜଳ ଉତ୍ସ ନ ଥିବାରୁ ଯୋଗାଣରେ ସାମାନ୍ୟ ଅସୁବିଧା ଦେଖାଦେଉଛି । ଏସବୁର ନିରାକରଣ ନିମନ୍ତେ ଆଗାମୀ ଦିନରେ ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଉଦ୍ୟମ ଚାଲିଥିବା ସରକାରୀ ସୂତ୍ରରୁ ଜଣାପଡିଛି ।



ଏନଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ୪ ଛାତ୍ରନେତା ନିର୍ଦ୍ଦୋଷରେ ଖଲାସ

**ନୟାଗଡ଼ ଅଫିସ,୧୩।୪**

ନୟାଗଡ଼ କଲେଜ ନିର୍ବାଚନକୁ ନେଇ ୨୦୧୫ରେ ଘଟିଥିବା ଗଣ୍ଡଗୋଳ ଓ ବୋମାମାଡ ମାମଲାର ରାୟ ନୟାଗଡ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଙ୍ଗଳବାର ପ୍ରକାଶ ପାଇଛି । ବିଚାରପତି ବବିତା ପାତ୍ର ଏହାର ବିଚାର କରି ୪ ଛାତ୍ରନେତା ଏବିଭିପିର ସଭାପତି ପ୍ରାର୍ଥୀ ଶିବରାମ ମହାପାତ୍ର, ସମ୍ପାଦକ ପ୍ରାର୍ଥୀ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସମେତ ୪ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ୨୦୧୫ରେ ନୟାଗଡ଼ ଛାତ୍ର ସଂସଦ ନିର୍ବାଚନ ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏପରି କି ବୋମା ମାଡ କରାଯାଇଥିଲା । ଏହି କାରଣରୁ କଲେଜର ନିର୍ବାଚନକୁ ସ୍ଥଗିତ ରଖା ଯାଇଥିଲା । ପୁଣି ୧ମାସ ପର୍ଯ୍ୟନ୍ତ କଲେଜକୁ ସାଇନ୍ ଏ ଡାଏ ଘୋଷଣା କରାଯାଇଥିଲା । ମୁଦାଲାଙ୍କ ପକ୍ଷରୁ ଆଇନଜିବୀ ପ୍ରଫୁଲ ଶତପଥୀ ଓ ପ୍ରଭାକର ଉତ୍ତରକବାଟ ମାମଲା ପରିଚାଳନା କରିଥିଲେ ।

# ୧୪କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୩।୪**

ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ମଙ୍ଗଳବାର ୧୪ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୧ରେ ପହଞ୍ଚିଛି । ଏଥିରେ ଓଡ଼ଗାଁ ସହରର ୨ କରୋନା ଆକ୍ରାନ୍ତ ଅଛନ୍ତି । ଏପ୍ରିଲ ୨୧ରୁ ୧୦ ଦିନ ବ୍ୟାପୀ ଓଡ଼ଗାଁରେ ଶ୍ରୀରାମନବମୀ ଯାତ୍ରା ହେବାକୁ ଥିବାରୁ ବ୍ୟାପକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି । ତେବେ ଅଧିକାଂଶ ଅମାନିଆ ସରକାରୀ ନିୟମକୁ ଅଣଦେଖା କରି ବିନା ମାସ୍କରେ ବୁଲୁଥିବା ଦେଖିବାକୁ ମିଳିଛି।

# ୧୫ ହଜାର ଟଙ୍କାର କାଠ ଜବତ

**ନୟାଗଡ଼ ଅଫିସ,୧୩।୪**

ମହିପୁର ରେଞ୍ଜ ମହିତମା ବନବିଭାଗ କର୍ମଚାରୀମାନେ ଭାଲିଆପଦର ଗାଁରେ ଚଢ଼ାଉ କରି ୧୫ ହଜାର ଟଙ୍କାର ୪ କଣି ଲଗ୍ ଜବତ କରିଛନ୍ତି । କାଠଗୁଡିକ ଜଙ୍ଗଲରୁ କଟାଯାଇ ବାହାରକୁ ଚାଲାଣ ପାଇଁ ରଖାଯାଇଥିଲା । ସ୍ଥାନୀୟ ଜଙ୍ଗଲରୁ ବିଭିନ୍ନ ସମୟରେ ଗଛ କଟାଯାଇ ଚାଲାଣ ହେଉଥିଲେ ମଧ୍ୟ ବନବିଭାଗର କର୍ମଚାରୀ ଟେର ପାଉ ନ ଥିବା ଅଭିଯୋଗ ହୋଇଛି।

# ଗାନ୍ଧୀଙ୍କୁ ଓଡ଼ିଶା ଆସିବାକୁ ବାଧ କରିଥିଲେ ଗୋବିନ୍ଦ





ସ୍ମୃତିଚାରଣ ସଭାରେ ମଞ୍ଚାସୀନ ଅତିଥିମାନେ ।

**ଦଶପଲ୍ଲା,୧୩।୪ (ଡି.ଏନ.ଏ.)**

ଦଶପଲ୍ଲାର ପୂଜ୍ୟପୂଜା ପରିଷଦ ପକ୍ଷରୁ ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ସ୍ଥାନୀୟ ଦୁର୍ଗାବଜାରସ୍ଥିତ ବିବେକାନନ୍ଦ ପଠନ କେନ୍ଦ୍ର ସଭାଗୃହରେ ଡା.ବୈଦ୍ୟନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶପଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଗୋବିନ୍ଦ ମିଶ୍ର କିପରି ଗୋପବନ୍ଧୁଙ୍କୁ ଗାନ୍ଧୀଙ୍କ ସହ ପରିଚୟ କରାଇବା ସହ ଓଡିଶାର ଦୁଃଖ ଦେଖିବା ପାଇଁ ଗାନ୍ଧୀଙ୍କୁ ଓଡିଶା ଆସିବାକୁ ବାଧ କରିଥିଲେ ସେ ବିଷୟରେ ଆଇନଜୀବୀ ଶରତ ଚନ୍ଦ୍ର ବେହେରା,ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା, ପ୍ରାକ୍ତନ ବ୍ଲକ ଅଧକ୍ଷ ପ୍ରସନ୍ନ କୁମାର ପଣ୍ଡା, ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ.ବ୍ରଜକିଶୋର ସାମନ୍ତରା, ଡ. ଅନ୍ତର୍ଯ୍ୟାମୀ ଭୂୟାଁ, ବଣିକ ମହାସଂଘ ସଭାପତି ଅଲେଖ ସାହୁ, ରାଜ କିଶୋର ବେହେରା, ପ୍ରାକ୍ତନ ବନପାଳ ପ୍ରଫୁଲ୍ଲ ଦାଶ, ସରପଞ୍ଚ ଗଣେଶ୍ୱର ନାୟକ, ସାମାଜିକକର୍ମୀ ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଭାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡ. ସରୋଜ କୁମାର ନାୟକ ଲେଖିଥିବା ପାଣ୍ଡୁଲିପି 'ପିଲାଙ୍କ ଗୋବିନ୍ଦ ମିଶ୍ର' ଖୁବ୍ ଶୀଘ୍ର ପ୍ରକାଶ ପାଇବ ବୋଲି କହିଥିଲେ । ଆଇନଜୀବୀ ଗୌରଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦକ୍ଷିଣକାଳୀଙ୍କ ପୀଠରେ ପଣାଯାତ୍ରା କଟକଣା

**ନୟାଗଡ଼ ଅଫିସ,୧୩।୪**

ନୟାଗଡ଼ର ଆରାଧ୍ୟଦେବୀ ମା'ଦକ୍ଷିଣକାଳୀଙ୍କ ପୀଠରେ ପଣା ସଂକ୍ରାନ୍ତି ଯାତ୍ରା ବୁଧବାରଠାରୁ ଆରମ୍ଭ ହେଉଛି । ଏନେଇ ପ୍ରସ୍ତୁତି ଶେଷ ହୋଇଛି। ତେବେ କରୋନା କଟକଣା ଭିତରେ ଯାତ୍ରା ହେବ । ଭକ୍ତମାନେ ମାସ୍କ ପିନ୍ଧି ଠାକୁରାଣୀଙ୍କୁ ଦର୍ଶନ କରିପାରିବେ। ଅନ୍ୟପକ୍ଷେ ମନ୍ଦିର ଭିତରକୁ ଦୀପ ଓ ଭୋଗ ଯିବନାହିଁ । ପଡିଆରେ ଦୀପ ଜାଳି ପାରିବେ ଭକ୍ତ । ସେହିପରି ବାଣ ଫୁଟାଇବା ପାଇଁ ମାନସିକଧାରୀଙ୍କ ମଧ୍ୟରେ ପ୍ରତିଯୋଗିତା ହେବନାହିଁ ବୋଲି ନୟାଗଡ଼ ଟାଉନ ଥାନା ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଖଣ୍ଡପଡ଼ା୧୩।୪(ସ୍ୱ.ପ୍ର.)**

ଭାପୁର ବ୍ଲକ୍ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ବଡସାହିର ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ରାଉତ(୭୪)ଙ୍କ କିଡନୀ ଜନିତ ରୋଗରେ ପରଲୋକ ହୋଇଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି।

# ୨୧ ଦିନ ପରେ ଦଣ୍ଡଯାତ୍ରା ଉଦ୍‌ଯାପିତ

**ଖଣ୍ଡପଡ଼ା,୧୩।୪(ସ୍ୱ.ପ୍ର)**

୨୧ଦିନଧରି ଚାଲିଥିବା ଦଣ୍ଡଯାତ୍ରା ମଙ୍ଗଳବାର ଶେଷ ହୋଇଛି । ଏହି ଅବସରରେ ଖଣ୍ଡପଡ଼ାର ବିଭିନ୍ନ ଶୈବ ପୀଠରେ ଦଣ୍ଡପର୍ବର ଅନ୍ତିମ ଦିବସ ମେରୁ ଯାତ୍ରା ପାରମ୍ପରିକ ରୀତିରେ ପାଳିତ ହୋଇଛି ।

ନିଷ୍ଠାପର ସାଧନା, କଠିନ ଉପାସନା ଓ ଶୁଦ୍ଧପୁତ ଜୀବନଚର୍ଯ୍ୟା ମଧ୍ୟରେ ପାଳିତ ହେଉଥିବା ଏହି ଦଣ୍ଡଯାତ୍ରା ସ୍ଥାନୀୟ ଅଞ୍ଚଳର ମୁଖ୍ୟ ପର୍ବ ଅଟେ । ଚୈତ୍ରମାସର ପ୍ରଚଣ୍ଡ ଖରାକୁ ଖାତିର ନ କରି ଶୈବପୀଠର ତତଲା ଧୂଳିରେ ଗଡୁଥିବା ଧୂଳି ଦଣ୍ଡହିଁ ମାନସିକଧାରୀ ଦଣ୍ଡୁଆମାନଙ୍କ ମହାନ୍ ଦିକ୍ଷାର ପରିଚୟ ଦିଏ । ଶିବ ପାର୍ବତୀଙ୍କ ସେବାରେ ଦଣ୍ଡୁଆମାନେ ନିଜକୁ ଉତ୍ସର୍ଗ କରିଥାନ୍ତି । ପ୍ରତିବର୍ଷ ଚୈତ୍ର ମାସ ମୀନ ସଂକ୍ରାନ୍ତିଠାରୁ ମହାବିଷୁବ ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ଦଣ୍ଡ ପର୍ବ ପାଳିତ ହୋଇଥାଏ । ବିଭିନ୍ନ ଶୈବ ପୀଠର ଆର୍ଥିକ ପରିସ୍ଥିତିକୁ ଲକ୍ଷ କରି କେଉଁଠାରେ ୨୧,୧୯, ୧୭, ୧୩ ଦିନ ତ ଆଉ କେଉଁଠି ୧୫, ୧୧ କିମ୍ବା ୭ ଦିନ ପାଇଁ ଏହି ପର୍ବ ପାଳନ କରାଯାଏ । ସ୍ଥାନୀୟ କପିଳେଶ୍ୱର, କୃଷ୍ଣେଶ୍ୱର, ବଟେଶ୍ୱର, ଚୈତନ୍ୟ ଦେବ, ନୀଳକଣ୍ଠେଶ୍ୱର ଆଦି ମହାଦେବଙ୍କ ଦଣ୍ଡଯାତ୍ରା ପାରମ୍ପରିକ ରୀତିରେ ପାଳିତ ହୋଇଥିଲା । ଏହି ଅବସରରେ ଭକ୍ତାମାନେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ଖେଳ ସାରିବା ପରେ ଠାକୁରଙ୍କୁ ଗ୍ରାମ ବିଜେ କରାଇ ଚାଟେରୀ ଭୋଗ ଖାଇଥିଲେ । ପରେ ଦଣ୍ଡ ଠାକୁରଙ୍କ କୋଠି ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମ ହୋଇଥିଲା ।

ବୁଧବାରଠାରୁ ଦଣ୍ଡ ଠାକୁର ଏକ ବର୍ଷ ପର୍ଯ୍ୟନ୍ତ କୋଠିରେ ଗୋପନ ବାସ କରିବେ । ଶିବ ପୁରାଣ ଅନୁସାରେ ମୁନି ଋଷି ତଥା ଦେବଗଣଙ୍କୁ ନିମନ୍ତ୍ରଣ କରି ଦକ୍ଷ ପ୍ରଜାପତି ଏକ ଯଜ୍ଞର ଆୟୋଜନ କରିଥିଲେ । ଦକ୍ଷ ଏହି ଉତ୍ସବରେ ନିଜ କନ୍ୟା ସତୀଙ୍କୁ ଅପମାନ କରିବା ସହିତ ସ୍ୱାମୀ ଶିବଙ୍କୁ ଭର୍ତ୍ସନା କରିଥିଲେ । ସ୍ୱାମୀ ନିନ୍ଦା ଅସହ୍ୟ ହେବାରୁ ସତୀ ଯଜ୍ଞ କୁଣ୍ଡରେ ଝାସ ଦେଇଥିଲେ । ଶିବ ଧ୍ୟାନ ବଳରେ ଏ ଖବର ଜାଣିବା ପରେ ଯଜ୍ଞ ସ୍ଥଳରେ ପହଞ୍ଚି ତାଣ୍ଡବ ନୃତ୍ୟ ଆରମ୍ଭ କରିଥିଲେ । ଶିବଙ୍କର ମହାରୁଦ୍ର ରୁପକୁ ପ୍ରଶମିତ କରିବା ପାଇଁ ଦକ୍ଷଙ୍କ ସ୍ତ୍ରୀ ମେନକା ପୂଜାର୍ଚ୍ଚନା କଲେ । କିନ୍ତୁ ଶିବ ନିଜର ଲିଙ୍ଗ ପ୍ରଦର୍ଶନ କରାଇ ଶାଶୁଙ୍କ ଦ୍ୱାରା ଅଭିଶାପ ପ୍ରାପ୍ତ ହୋଇଥିଲେ । ମାତୃ ହରଣ ଦୋଷର ପ୍ରାଶ୍ଚିତ ପାଇଁ ଶିବ ଦଣ୍ଡବ୍ରତ ଗ୍ରହଣ କରିଥିଲେ । ଏହି ପୌରାଣିକ କଥା ବସ୍ତୁକୁ ଆଧାର କରି ଓଡିଶାର ବିଭିନ୍ନ ଅଞ୍ଚଳରେ ଦଣ୍ଡପର୍ବ ପାଳିତ ହୋଇ ଆସୁଛି । ଏହି ଅବସରରେ ଖଣ୍ଡପଡା, କଣ୍ଟିଲୋ, ବେଣାଗାଡିଆ, ମର୍ଦ୍ଦରାଜପୁର, ଖଳିସାହି, ବାଣପୁର, କୋଷକା ସିଧାମୂଳା, କୁମ୍ଭାରପଡା, ଡୋଳମାରା, ଜଗନ୍ନାଥପ୍ରସାଦ ଆଦି ଅଞ୍ଚଳରେ କୋଭିଡ ନିୟମକୁ ଦୃଷ୍ଟିରେ ରଖ ଦଣ୍ଡ ଉତ୍ସବ ପାଳିତ ହୋଇ ମଙ୍ଗଳବାର ମେରୁ ଉତ୍ସବ ପାଳିତ ହୋଇଛି ।



ସିଧାମୂଳାରେ ୫୬ ପାଟଦଣ୍ଡ ।



ମେରୁ ଉତ୍ସବ ।

# ନୟାଗଡ଼କୁ ଗଡ଼ିଲା ବିଦ୍ୟୁତ୍ ଟ୍ରେନ୍

- କୋଭିଡ୍ କଟକଣା ଉପରେ ଗୁରୁତ୍ୱ
- ପ୍ରଥମ ଟ୍ରେନରେ ଆସିଲେ ୪ ଯାତ୍ରୀ

**ନୟାଗଡ଼ ଅଫିସ,୧୩।୪**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ବୁଧବାର ପ୍ରଥମଥର ପାଇଁ ବିଦ୍ୟୁତ୍ ଟ୍ରେନ ସେବା ଏକ୍ସପ୍ରେସ ବୁଧବାର ରାତି ପ୍ରାୟ ୮.୪୦ଆସି ପହଞ୍ଚିଛି । ସନ୍ଧ୍ୟା ୬.୪୦ରେ ଭୁବନେଶ୍ୱରରୁ ଏହି ଏକ୍ସପ୍ରେସ ଯାତ୍ରା ଆରମ୍ଭ କରିଥିଲା । ଭୁବନେଶ୍ୱରରୁ ୩ଜଣ ଓ ଖୋର୍ଦ୍ଧାରୁ ଜଣେ ଏପରି ୪ଜଣ ଯାତ୍ରୀ ନୟାଗଡ଼କୁ ଆସିଥିଲେ । ଟ୍ରେନ ନିର୍ଦ୍ଧାରିତ ସମୟର ୫ ମିନିଟ ପୂର୍ବରୁ ଆସି ନୟାଗଡ଼ ଷ୍ଟେଶନରେ ପହଞ୍ଚିଥିଲା ।

ସୂଚନାଯୋଗ୍ୟ, ଖୋର୍ଦ୍ଧା ରୋଡ (ଜଟଣୀ)ରୁ ନୟାଗଡ଼ ଷ୍ଟେଶନ ୬୫ କିମିରେ ରେଳ ଚଳାଚଳ ପାଇଁ ବିଦ୍ୟୁତ୍‌କରଣ କାର୍ଯ୍ୟଶେଷ ହୋଇଥିଲା । ବିଦ୍ୟୁତ୍ ରେଳ ଇଞ୍ଜିନ୍ ଗଡିବାର ୪ର୍ଥ ଦିବସ ମାର୍ଚ୍ଚ ୩୦ରେ ବିଦ୍ୟୁତ୍ ଟ୍ରେନ ପରୀକ୍ଷାମୂଳକ ଭାବେ ଚଳାଚଳ କରିଥିଲା। ପୂର୍ବତଟ ରେଳପଥ ମୁଖ୍ୟ ନିରାପତ୍ତା କମିଶନ ଏ.ଏମ୍ ଚୌଧୁରୀଙ୍କ ଚୂଡ଼ାନ୍ତ ରିପୋର୍ଟ ଆଧାରରେ ଏପ୍ରିଲ ୧୩ରୁ ବିଦ୍ୟୁତ୍ ଚାଳିତ ଏକ ସ୍ୱତନ୍ତ୍ର ଟ୍ରେନ(ସେବା ଏକ୍ସପ୍ରେସ) ଭୁବନେଶ୍ୱର ନୟାଗଡ଼ ମଧ୍ୟରେ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା । କୋଭିଡ୍ କଟକଣା ଯୋଗୁ ନୟାଗଡ଼କୁ ଟ୍ରେନ ଚଳାଚଳ କରୁ ନ ଥିଲା ।



ମଙ୍ଗଳବାର ନୟାଗଡ଼ ଷ୍ଟେଶନରେ ପହଞ୍ଚିଥିବା ସେବା ଏକ୍ସପ୍ରେସ୍ ଟ୍ରେନ୍ ।

# ୫ଦିନ ଚାଲିବ ମହାବୀର ଜୟନ୍ତୀ ଉତ୍ସବ

**ଖଣ୍ଡପଡ଼ା,୧୩।୪(ସ୍ୱ.ପ୍ର)**

ବୁଧବାର ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର ଗ୍ରାମ ରାମଚଣ୍ଡୀ ସାହି ସ୍ଥିତ ମହାବୀରଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ମହାବୀର ଜୟନ୍ତୀ ୫ ଦିନ ଧରି ଚାଲିବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କୃତାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଯାତ୍ରାକୁ କିପରି ଶୃଙ୍ଖଳିତ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ମଙ୍ଗଳବାର ମହାବୀର ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପଠନ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ । ୧୫ ତାରିଖରେ ଭାପୁର ବ୍ଲକ୍ କରଡାପଲ୍ଲୀ ଗ୍ରାମର ନାଟକ ଲବକୁଶ ଜନ୍ମ, ୧୬ରେ ଅଷ୍ଟପ୍ରହର ନାମଯଜ୍ଞ ଓ ୧୭ରେ ଉଦ୍‌ଯାପନୀ ଅବସରରେ ନଗର କୀର୍ତ୍ତନ ଓ ବାଲ୍ୟଲୀଳା ଅନୁଷ୍ଠିତ ହେବ। ବୈଠକରେ ଅନୁଷ୍ଠାନର ସଭାପତି କୃତାର୍ଥ ପ୍ରଧାନ, ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ବରିଷ୍ଠ ସଦସ୍ୟ ସମେତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ପରାମର୍ଶ ଦେଇଥିଲେ।